ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.243, Bhubaneswar Friday, November 08, 2019 | ୨୨ତମ ବର୍ଷ ସଂଖ୍ୟା-୨୪୩ ଭୁବନେଶ୍ୱର ଶୁକ୍ରବାର, ନଭେମ୍ବର ୦୮, ୨୦୧୯ (୮ ପୃଷ୍ଠା) ମୂଲ୍ୟ-୧.୫୦ 1₹0 (Air Surcharge - 0.50P) Member-INS

ବାତ୍ୟା ପାଇଁ ୩ ଜିଲ୍ଲାରେ ୨ ଦିନ ସ୍କୁଲ ଛୁଟି ଘୋଷଣା

ଭୁବନେଶ୍ୱର, (ପିଏନ)- ସମ୍ଭାବ୍ୟ ବାତ୍ୟା ବୁଲବୁଲ୍ କୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ପୁରୀ ଜିଲ୍ଲାର ସବୁ ସ୍କୁଲରେ ଦୁଇ ଦିନ ପାଇଁ ଛୁଟି ଘୋଷଣା କରାଯାଇଛି। ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ମାନେ ଆସନ୍ତାକାଲି (ଶୁକ୍ରବାର) ଓ ଶନିବାର ଦୁଇ ଦିନ ସ୍କୁଲ ସହ ଅଙ୍ଗନବାଡ଼ି କେନ୍ଦ୍ର ଗୁଡିକରେ ଛୁଟି ଘୋଷଣା କରିଛନ୍ତି। ସେହିପରି କେନ୍ଦ୍ରାପଡା ଓ ବାଲେଶ୍ୱର ଜିଲ୍ଲାର ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି।

ବଙ୍ଗୋପସାଗର ଦେଇ ଯିବାକୁ ଥିବା ଏହି ବାତ୍ୟା ଯଦିଓ ପଶ୍ଚିମବଙ୍ଗ ଓ ବାଂଲାଦେଶ ମୁହାଁ ହେବ ତଥାପି ଓଡିଶା ଏହାଦ୍ୱାରା କିଛିଟା ପ୍ରଭାବିତ ହୋଇପାରେ।

ପ୍ରତାପ ଜେନା ପାଇବେ ସର୍ବଶ୍ରେଷ୍ଠ ମନ୍ତ୍ରୀ ପୁରସ୍କାର

ଭୁବନେଶ୍ୱର, (ପିଏନ)- ରାଜ୍ୟ ପଂଚାୟତିରାଜ ଓ ପାନୀୟଜଳ, ଗୃହ ଓ ନଗର ଉନ୍ନୟନ, ଆଇନ୍ ମନ୍ତ୍ରୀ ପ୍ରତାପ ଜେନା ଚଳିତବର୍ଷର ଫେମ୍ ଇଣ୍ଡିଆ ପକ୍ଷରୁ ସର୍ବ ଶ୍ରେଷ୍ଠ ମନ୍ତ୍ରୀ ପୁରସ୍କାର ପାଇବେ । ନଭେମ୍ବର ୯ ତାରିଖରେ ଶ୍ରୀ ଜେନା ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଏହି ପୁରସ୍କାର ଗ୍ରହଣ କରିବେ । ଫେମ୍ ଇଣ୍ଡିଆ ପକ୍ଷରୁ ମନ୍ତ୍ରୀମାନଙ୍କ ବିଭିନ୍ନ କାର୍ଯ୍ୟର ଆକଳନ ସହ ସରକାରୀ ଯୋଜନା ଗୁଡିକୁ ଠିକଣା ବାଟରେ ନେବା, ଦାୟିତ୍ୱ ସମ୍ପନ୍ନ ହୋଇ କାର୍ଯ୍ୟକରିବା ଓ ସର୍ବୋପରି ଦୁର୍ନୀତି ଠାରୁ ଦୂରେଇ ରହିବା ଆଦି ଦିଗକୁ ଆକଳନ କରାଯିବା ପରେ ଏହ ଜାତୀୟ ସ୍ତରର ପୁରସ୍କାର ପ୍ରଦାନ କରାଯାଇଥାଏ ।

ଜଳ ସମ୍ପଦ ମନ୍ତ୍ରୀଙ୍କ ସାପୁଆ ଡ୍ୟାମ ପରିଦର୍ଶନ

ଭୁବନେଶ୍ୱର, (ପିଏନ)- ରାଜ୍ୟ ଜଳ ସଂପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ ଗୁରୁବାର ଢେଙ୍କାନାଳ ଜିଲ୍ଲାର ହିନ୍ଦୋଲ ଉପଖଣ୍ଡ ଅନ୍ତର୍ଗତ ସାପୁଆ ଜଳ ସେଚନ ପ୍ରକଳ୍ପ ପରିଦର୍ଶନ କରିଥିଲେ । ମନ୍ତ୍ରୀ ତାଙ୍କର ଏହି ଗସ୍ତ ସମୟରେ ପ୍ରକଳ୍ପର ସ୍କିଲ ୱେ (ଜଳ ନିର୍ଗମନ ପଥ) ବୁଲି ଦେଖିଥିଲେ । ଏହି ପ୍ରକଳ୍ପର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବା ପାଇଁ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିବାବେଳେ ସ୍କିଲ୍ ୱେର ପ୍ରାୟ ୨୦୦ମିଟର ତଳକୁ ପଥର ପ୍ୟାକିଂର ବ୍ୟବସ୍ଥା କରାଯିବାକୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା ।

ଏହି ପ୍ରକଳ୍ପ ମାଧ୍ୟମରେ ଜଳ ସେଚିତ ହେଉଥିବା ୨୪୯୬ ହେକ୍ଟର ଅଂଚଳର ଚାଷ ଜମିକୁ ଜଳ ଯୋଗାଣ ସଂପର୍କରେ ମନ୍ତ୍ରୀ ପଚାରି ବୁଝିବା ସହିତ ଏଦିଗରେ ଅଧିକ ଯତ୍ନବାନ ହେବାକୁ ମନ୍ତ୍ରୀ ଶ୍ରୀ ଦାସ ବିଭାଗୀୟ ଯନ୍ତ୍ରୀଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ । ଦୁଇ ପାହାଡ ମଝିରେ ସବୁଜ ବନାନୀ ସଂଲଗ୍ନ ଅବସ୍ଥିତ ଏହି ପ୍ରକଳ୍ପଟି ଜଳ ସେଚନ ପାଇଁ ବହୁ ଉପଯୋଗୀ ହେଉଥିବା ବେଳେ ଏହାକୁ ମଧ୍ୟ ଏକ ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳୀରେ ବିକଶିତ କରିବା ପାଇଁ ପଦକ୍ଷେପ ନେବାକୁ ଉଚ୍ଚ ସ୍ତରୀୟ ଆଲୋଚନା ପାଇଁ ମନ୍ତ୍ରୀ ଶ୍ରୀ ଦାସ ପ୍ରସ୍ତାବ ଦେଇଛନ୍ତି । ମନ୍ତ୍ରୀଙ୍କ ଗସ୍ତ ସମୟରେ ଅନୁଗୋଳ ଜିଲ୍ଲା ଜଳ ସେଚନ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ଇଂ. ଦୀପ୍ତିରଞ୍ଜନ ପଣ୍ଡା ଓ ନିର୍ବାହୀ ଯନ୍ତ୍ରୀ ଇଂ. ସରୋଜକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ଜାମ୍ମୁ କାଶ୍ମୀରର ପ୍ରଥମ ଉପ ରାଜ୍ୟପାଳ ଗଣେଶ ଚନ୍ଦ୍ର ମୁର୍ମୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟୁଛନ୍ତି

ଝାରସୁଗୁଡାରୁ ମୁମ୍ବାଇ ସିଧା ବିମାନ ସେବା ପାଇଁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ପତ୍ର

ଭୁବନେଶ୍ୱର, (ପିଏନ)- ଝାରସୁଗୁଡା ଓ ମୁମ୍ବାଇ ମଧ୍ୟରେ ସିଧାସଳଖ ବିମାନ ସେବା ଆରମ୍ଭ କରିବା ପାଇଁ ବ୍ୟବସ୍ଥା କରିବାକୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ୍ ସିଂ ପୁରୀଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ସମ୍ପନ୍ନ ସରକାରଙ୍କର ଉଡାନ ଯୋଜନା ସାଧାରଣ ଲୋକଙ୍କ ସ୍ୱପ୍ନ ଓ ଆକାଂକ୍ଷାକୁ ପୂରଣ କରିଛି । ପଶ୍ଚିମ ଓଡିଶାର ବୀର ସୁରେନ୍ଦ୍ର ସାଏ ନାମରେ ନାମିତ ଝାରସୁଗୁଡା ବିମାନବନ୍ଦର ପ୍ରତିଷ୍ଠା କାରଣରୁ ଏହି ଯୋଜନାରେ ଓଡିଶା ମଧ୍ୟ ଲାଭାନ୍ୱିତ ହୋଇଛି । ପଶ୍ଚିମ ଓଡିଶାର ଲୋକଙ୍କ ଇଚ୍ଛାକୁ ଦୃଷ୍ଟିରେ ରଖି ଏହି ପୃଷ୍ଠଭୂମିରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସ୍ୱତନ୍ତ୍ର ଭାବରେ ହସ୍ତକ୍ଷେପ କରି ଝାରସୁଗୁଡା ଓ ମୁମ୍ବାଇ ମଧ୍ୟରେ ସିଧା ବିମାନ ସଂଯୋଗ ସ୍ଥାପନ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି ।

ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ପୂର୍ବରୁ ସ୍ପାଇଶଜେଟ୍ ତରଫରୁ ଝାରସୁଗୁଡାରୁ ନୂଆଦିଲ୍ଲୀ ପର୍ଯ୍ୟନ୍ତ ସିଧାସଳଖ ବିମାନ ସେବା ଆରମ୍ଭ କରିଥିଲା । ଏହା ଦ୍ୱାରା ପଶ୍ଚିମ ଓଡିଶାର ଅଧିଂକାଶ ଲୋକମାନେ ସେବାର ଲାଭ ପାଇଥିଲେ ଏବଂ ବାଣିଜ୍ୟିକ ଦୃଷ୍ଟିରୁ ମଧ୍ୟ ସଫଳ ମଧ୍ୟ ହୋଇଥିଲା । ଏହାବ୍ୟତିତ ସାଇଶଜେଟ୍ ଝାରସୁଗୁଡାରୁ ହାଇଦ୍ରାବାଦ ଏବଂ କୋଲକାତାକୁ ମଧ୍ୟ ବିମାନ ସେବା ଆରମ୍ଭ କରିଛି । ଯଦ୍ୱାରା ଦେଶର ଉତରପୂର୍ବ ଏବଂ ଦକ୍ଷିଣ ଭାଗରେ ବିମାନ ଯୋଗାଯୋଗ କ୍ଷେତ୍ରରେ ନୂଆ ସମ୍ଭାବନାର ସୂତ୍ରପାତ କରିଛି ।

ତେବେ ଦେଶର ବାଣିଜ୍ୟିକ ରାଜଧାନୀ ମୁମ୍ବାଇ ଏବଂ ପଶ୍ଚିମ ଓଡିଶା ମଧ୍ୟରେ ସିଧାସଳଖ ବିମାନ ଯୋଗାଯୋଗର ଅଭାବ ରହିଛି । ତାଙ୍କର ସୂଚନାନୁସାରେ ଝାରସୁଗୁଡା ଓ ମୁମ୍ବାଇ ମଧ୍ୟରେ ସିଧା ସଳଖ ବିମାନ ଚଳାଚଳ କରିବା ପାଇଁ ପଶ୍ଚିମ ଓଡିଶାର ଯାତ୍ରୀମାନଙ୍କର ଦାବୀ ରହିଛି ।

ପଶ୍ଚିମ ଓଡିଶା ଲୋକଙ୍କର ସୁବିଧାକୁ ଧ୍ୟାନରେ ରଖି ଖୁବ ଶୀଘ୍ର ଝାରସୁଗୁଡା ଓ ମୁମ୍ବାଇ ମଧ୍ୟରେ ବିମାନ ସେବା ଆରମ୍ଭ କରିବା ପାଇଁ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ ଶ୍ରୀ ପ୍ରଧାନ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ୍ ସିଂ ପୁରୀଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି । ଏହାବ୍ୟତିତ ମୁମ୍ବାଇ ଓ ଝାରସୁଗୁଡା ମଧ୍ୟରେ ଉଡାଣ ଓ ଅବତରଣ ପାଇଁ ସମୟ ଦେବା ନିମନ୍ତେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି ।

ବଲାଙ୍ଗୀର ଓ ସୋନପୁର ଡାକ୍ତରଖାନା ପରିଦର୍ଶନ କଲେ ୫-ଟି ସଚିବ

ଭୁବନେଶ୍ୱର, (ପିଏନ)-ମୁଖ୍ୟ ଶାସନ ସଚିବ ଅସୀତ୍ ତ୍ରିପାଠୀ ଓ ୫- ଟି ସଚିବ ଭି.କେ ପାଣ୍ଡିଆନ୍ ଗୁରୁବାର ବଲାଙ୍ଗୀର ଓ ସୋନପୁର ମୁଖ୍ୟ ଡାକ୍ତରଖାନାକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି । ଉଭୟ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ । ରୋଗୀଙ୍କ ଠାରୁ ଡାକ୍ତରଖାନାର ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ରୋଗୀଙ୍କ ଅଭିଯୋଗର ଖୁବଶୀଘ୍ର ସମାଧାନ ହେବ ବୋଲି ୫ଟି-ସଚିବ ପ୍ରତିଶ୍ରୁତି ଦେଇଛନ୍ତି । ଏହାପରେ ସୋନପୁର ମୁଖ୍ୟ ଡାକ୍ତରଖାନା ଯାଇଥିଲେ । ଏଠାରେ ସେ ଡାକ୍ତରଖାନାର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି ।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସବୁ ଜିଲ୍ଲାରେ ପେନ୍‌ସନ୍ ଅଦାଲତ ଆସନ୍ତା ୧୭ରେ

ଭୁବନେଶ୍ୱର,(ପିଏନ)- ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀମାନଙ୍କ ପାଇଁ ପ୍ରତି ଜିଲ୍ଲାରେ ବକେୟା ପେନ୍‌ସନ୍ ମାମଲାର ଆଶୁ ଫଏସଲା କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପେନ୍‌ସନ୍ ଅଦାଲତ ଚଳିତ ନଭେମ୍ବର ୧୭ ତାରିଖରେ ଅନୁଷ୍ଠିତ ହେବ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଚିତ୍ରା ଅରୁମୁଗମ୍ ଏହି ମର୍ମରେ ଏକ ପତ୍ର ଲେଖି ଜଣାଇଛନ୍ତି ଯେ ବକେୟା ପେନ୍‌ସନ୍ ମାମଲାର ଶୁଣାଣି ଓ ଫଏସଲା କରିବା ପାଇଁ ଏହି ପେନ୍‌ସନ୍ ଅଦାଲତ କରାଯାଇଅଛି । ଯାହାଦ୍ୱାରା କି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀମାନଙ୍କ ବକେୟା ପେନ୍‌ସନ୍ ମାମଲା ଶୀଘ୍ର ଫଏସଲା ହେଇପାରିବ ବୋଲି ଶ୍ରୀମତୀ ଅରୁମୁଗମ୍ ପ୍ରକାଶ କରିଛନ୍ତି ।

ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଲେ ଏଫଏସଏଓଏଆଇ ଅଧ୍ୟକ୍ଷା

ଭୁବନେଶ୍ୱର, (ପିଏନ)- ରାଜ୍ୟରେ ଖାଦ୍ୟ ସୁରକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ସହ ପୁଷ୍ଟିକର ଖାଦ୍ୟ ଉପରେ ଗୁରୁତ୍ୱ ଦେବା ଦ୍ୱାରା ଅପପୁଷ୍ଟିକୁ ଦୂର କରାଯାଇପାରିବ ବୋଲି ଭାରତ ସରକାରଙ୍କ ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡସ୍ ଅଥରିଟି ଅଫ୍ ଇଣ୍ଡିଆର ଅଧ୍ୟକ୍ଷା ରିତା ତିଓତିଆ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନବ କିଶୋର ଦାସଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତ ଅବସରରେ ପ୍ରକାଶ କରିଛନ୍ତି । ଆଲୋଚନା ପ୍ରସଙ୍ଗରେ ମନ୍ତ୍ରୀ ଶ୍ରୀ ଦାସ କହିଲେ ଯେ ସମାଜର ତଳସ୍ତରରେ ଥିବା ସାଧାରଣ ଲୋକଟିଏ ଯେମିତି ଭୋକିଲା ନରହେ ସେଥିପ୍ରତି ସରକାର ଅଙ୍ଗୀକାରବଦ୍ଧ । ଏହା ସହିତ ଖାଦ୍ୟ ପଦାର୍ଥର ଗୁଣାତ୍ମକ ମାନ ଓ ପୁଷ୍ଟିକର ତତ୍ୱ ଯେମିତି ବଜାୟ ରହେ ଏଥିପ୍ରତି ଗୁରୁତ୍ୱ ଦେଉଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ (ଫାସାଇ) ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡସ୍ ଅଥରିଟି ଅଫ୍ ଇଣ୍ଡିଆ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଏକ ଶାଖା ଅଟେ ।

ଖାଦ୍ୟ ସୁରକ୍ଷା ଦିଗରେ ସାଧାରଣ ଲୋକ କିପରି ଉପକୃତ ହୋଇପାରିବେ ଏଥି ପାଇଁ ବ୍ୟାପକ ଜନସଚେତନତାର ଆବଶ୍ୟକତା ରହିଛି । ଏହା ଦ୍ୱାରା ଅପମିଶ୍ରଣକୁ ମଧ୍ୟ ରୋକା ଯାଇପାରିବ । ଖାଦ୍ୟ ସୁରକ୍ଷା ବ୍ୟବସ୍ଥାର ସଠିକ୍ ସଂଚାଳନ କରିବା ପାଇଁ ୩୦ଟି ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଅଧିକ ଧ୍ୟାନ ଦେବାକୁ ପଡ଼ିବ ବୋଲି ମନ୍ତ୍ରୀ ଶ୍ରୀ ଦାସ ମତବ୍ୟକ୍ତ କରିଥିଲେ । ଏହା ସହ ବ୍ୟବସ୍ଥାର ତଦାରଖ କରିବା ପାଇଁ ଅଧିକ ସଂଖ୍ୟକ କର୍ମଚାରୀ ନିଯୁକ୍ତି ଦେବାକୁ ସରକାର ନିଷ୍ପତି ନେଇଛନ୍ତି । ଫଳରେ ରାଜ୍ୟରେ ଖାଦ୍ୟ ସୁରକ୍ଷା ବ୍ୟବସ୍ଥାକୁ ଜନସାଧାରଣଙ୍କ ନିକଟରେ ପହଂଚାଯାଇ ପାରିବ ।

ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଶାସନ ସଚିବ ଡା. ପ୍ରାମୋଦ କୁମାର ମେହେର୍ଦ୍ଦା, ଓଡ଼ିଶା ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶକ ଯାମିନୀ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।

ସବୁ ଜିଲ୍ଲାରେ ଖୋଲିଲା ୱାନ୍ ଷ୍ଟପ୍ ସେଂଟର-'ସଖୀ'

ଭୁବନେଶ୍ୱର,(ପିଏନ)- ନିର୍ଯାତନାର ଶିକାର ହୋଇଥିବା ମହିଳା ଓ ବାଳିକାମାନଙ୍କୁ ଗୋଟିଏ ଛାତ ତଳେ ଶାରୀରିକ ଓ ମାନସିକ ଚିକିତ୍ସା ସହ ନ୍ୟାୟ ପ୍ରଦାନ ନିମନ୍ତେ ଆଇନ ସହାୟତା ଯୋଗାଇଦେବା କ୍ଷେତ୍ରରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଅଧୀନରେ କାର୍ଯ୍ୟକରୁଛି ୱାନ୍ ଷ୍ଟପ୍ ସେଂଟର- 'ସଖୀ' । ପର୍ଯ୍ୟାୟକ୍ରମେ ଖୋଲିବା ସହ ଗତକାଲି ବାଲେଶ୍ୱର ଜିଲ୍ଲାରେ ଏବଂ ଆଜି ଝାରସୁଗୁଡ଼ା ଜିଲ୍ଲାର ଜିଲ୍ଲାପାଳଙ୍କ ଦ୍ୱାରା ୱାନ୍‌ଷ୍ଟପ୍ ସେଂଟର ଉଦ୍‌ଘାଟିତ ହୋଇଛି । ଏଥି ସହିତ ରାଜ୍ୟର ୩୦ଟି ଯାକ ଜିଲ୍ଲାରେ ୱାନ୍ ଷ୍ଟପ୍ ସେଂଟର କାର୍ଯ୍ୟକ୍ଷମ ହୋଇଛି । ସୂଚନାଯୋଗ୍ୟ ୨୦୧୫ ଅକ୍ଟୋବର ୧ ତାରିଖରେ ପ୍ରଥମ 'ସଖୀ' କେନ୍ଦ୍ର ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍‌ପିଟାଲ୍ ପରିସରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା ।

ପାରିବାରିକ ହିଂସା, ଯୌତୁକ ନିର୍ଯାତନା, ବଳତ୍କାର, ମହିଳା ଚଲାଣ, ଯୌନ ଉତ୍ପୀଡ଼ନ ଭଳି ନିର୍ଯାତନାର ଶିକାର ହୋଇଥିବା ମହିଳା ଓ ବାଳିକାମାନଙ୍କୁ ଉଦ୍ଧାର କରାଯାଇ ଏହି ଡାକ୍ତରଖାନାଭିତିକ 'ସଖୀ' କେନ୍ଦ୍ରଗୁଡ଼ିକରେ ରଖାଯାଇଥାଏ । ଏଠାରେ ପିଡ଼ୀତାଙ୍କୁ ଡାକ୍ତରୀ ଚିକିତ୍ସା, ମାନସିକ ସହାୟତା ଦେବା ସହ ନ୍ୟାୟ ପ୍ରଦାନ ପାଇଁ ଆଇନ ପରାମର୍ଶ ମଧ୍ୟ ଯୋଗାଇ ଦିଆଯାଇଥାଏ ।

ହିଂସାର ଶିକାର ହୋଇଥିବା ଯେକୌଣସି ୧୮ ବର୍ଷ ବୟସରୁ କମ ମହିଳା ଓ ବାଳିକା ଏହି ୱାନ୍ ଷ୍ଟପ୍ ସେଂଟର ଜରିଆରେ ଡାକ୍ତରୀ ସହାୟତା ପାଇବା ସହ ନିକଟସ୍ଥ ଥାନାରେ ଏଫ୍‌ଆଇଆର୍ ଦାଖଲ କରି ପାରିବେ । ସେହିଭଳି ଘରୋଇ ହିଂସା ଆଇନ-୨୦୦୫ ଅନୁଯାୟୀ ପାରିବାରିକ ହିଂସା ରିପୋର୍ଟ ଦାଖଲ କରିବା ଦିଗରେ ସୁରକ୍ଷା ଅଧିକାରୀଙ୍କ ସହାୟତା ନେଇପାରିବେ । ଏଠାରେ ମଧ୍ୟ ପିଡ଼ୀତାଙ୍କୁ ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ ଦିଆଯାଇଥାଏ । ଜିଲ୍ଲା ଆଇନ ସେବା ପ୍ରାଧିକରଣ ଏବଂ ଆଶ୍ରୟ ଗୃହଗୁଡ଼ିକ ସହଯୋଗରେ ଆଇନଗତ ସହାୟତା ପ୍ରଦାନ କରାଯାଇଥାଏ । ଉଚ୍ଚଶିକ୍ଷିତ ଏବଂ ଦକ୍ଷ କେନ୍ଦ୍ର ପରିଚାଳକ ତଥା କାଉନ୍‌ସେଲରମାନଙ୍କ ଦ୍ୱାରା ପରିଚାଳିତ ଏହି କେନ୍ଦ୍ରଗୁଡ଼ିକ ୨୪ ଘଂଟା କାର୍ଯ୍ୟ କରିଥାଏ । ଡାକ୍ତର, ଓକିଲ ଏବଂ ପୋଲିସ ଅଧିକାରୀମାନେ ମଧ୍ୟ ଆବଶ୍ୟକ ସ୍ଥଳେ ତୁରନ୍ତ ସେବା ପ୍ରଦାନ କରିଥାନ୍ତି ।

ଏହି କେନ୍ଦ୍ରଗୁଡ଼ିକ ଜିଲ୍ଲା ଚିକିତ୍ସାଳୟ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଆଶ୍ରୟଗୃହ, ଓଡ଼ିଶା ରାଜ୍ୟ ମହିଳା କମିଶନଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟକରିଥାଏ । ବିଭାଗୀୟ ଅଧିକାରୀମାନେ ନିୟମିତ ଭାବେ ଏହି ସେ□ର ପରିଦର୍ଶନ କରିବା ସହ ଏହାର ପରିଚାଳନାକୁ ନିରୀକ୍ଷଣ ଏବଂ ଅନୁଧ୍ୟାନ କରିଥାନ୍ତି ।

ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ତରଫରୁ ଏହି ସେ□ରଗୁଡ଼ିକୁ ଅଧିକ ସଶକ୍ତ କରିବା ଏବଂ ସୁପରିଚାଳନାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଜିଲ୍ଲା ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ନିୟମିତ ଭାବେ ପ୍ରଶିକ୍ଷଣ ଦିଆଯାଉଛି । ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ନିୟମିତ ଭାବେ ଏହି ୱାନ୍ ଷ୍ଟପ୍ ସେ□ରଗୁଡ଼ିକର ପରିଚାଳନାକୁ ସମୀକ୍ଷା କରିବା ସହ ହିଂସାର ଶିକାର ହୋଇଥିବା ମହିଳାମାନଙ୍କ କ୍ଷେତ୍ରରେ ସମନ୍ୱିତ ପ୍ରକ୍ରିୟାରେ ନିଜ ନିଜ ଜିଲ୍ଲାରେ ଆବଶ୍ୟକୀୟ ସହାୟତା ପାଇବା ପାଇଁ ୱାନ୍ ଷ୍ଟପ୍ ସେ□ର ଏକ ନିର୍ଭରଯୋଗ୍ୟ ମାଧ୍ୟମ ବୋଲି ମତ ପ୍ରକାଶ କରିଛନ୍ତି ।

ଓଡିଶା ଛୁଇଁବନି ବାତ୍ୟା 'ବୁଲବୁଲ'

ଆଜିଠୁ ଉପକୂଳ ଓଡିଶାରେ ବର୍ଷା, ୮୦ରୁ ୯୦ କିମି ବେଗରେ ବହିବ ପବନ

ଭୁବନେଶ୍ୱର, (ପିଏନ)- ସାମୁଦ୍ରିକ ବାତ୍ୟା ବୁଲବୁଲ୍ ଆସନ୍ତା ୨୪ ଘଂଟା ମଧ୍ୟରେ ଅତି ଉଗ୍ରରୂପ ଧାରଣ କରି ବଙ୍ଗୋପସାଗର ଉପର ଦେଇ ବାଲାଂଦେଶ ଓ ପଶ୍ଚିମବଙ୍ଗ ଆଡ଼କୁ ମୁହାଁଇବ । ଏହାର ପ୍ରଭାବରେ ଆସନ୍ତାକାଲି ଠାରୁ ଉପକୂଳ ଓଡ଼ିଶାର କେତୋଟି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହା ସହ ଘଂଟାକୁ ୮୦ ରୁ ୯୦ କିଲୋମିଟର ବେଗରେ ପବନ ପ୍ରବାହିତ ହେବ ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ ଜେନା ସୂଚନା ଦେଇଛନ୍ତି ।

ଅପରପକ୍ଷରେ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ପ୍ରମୁଖ ସଚିବ ପ୍ରମୋଦ କୁମାର ମିଶ୍ର ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଓଡିଶା , ପଶ୍ଚିମବଙ୍ଗ ଓ ଆଣ୍ଡାମାନର ଏସଆରସି , ଗୃହ ସଚିବ ଓ ମୁଖ୍ୟ ଶାସନ ସଚିବ ମାନଙ୍କ ସହ ସମ୍ଭାବ୍ୟ ବାତ୍ୟା ସମ୍ପର୍କର ଆଲୋଚନା କରିଛନ୍ତି ।ପୂର୍ବରୁ ବାତ୍ୟା ବୁଲ୍ ବୁଲର ପ୍ରଭାବ ଓଡିଶା ଉପରେ ପଡିବ ନାହିଁ ବୋଲି କୁହାଯାଉଥିବା ବେଳେ ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସଦ୍ୟତମ ସୂଚନା ଅନୁଯାୟୀ ବାତ୍ୟାର ବିଶେଷ ନପଡିଲେ ମଧ୍ୟ ବର୍ଷା ହେବ ବୋଲି କୁହାଯାଇଛି । ଏସଆରସି କହିଛନ୍ତି ଯେ ୮ ତାରିଖ (ଶୁକ୍ରବାର) ଠାରୁ ପୁରୀ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଏବଂ କଟକ ଜିଲ୍ଲାର କେତେକ ଅଂଚଳର

ଟି ଟାଇମ୍

ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାରକୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

ମୋଗଲ ଯୁଗର ଘଂଟେଓ୍ୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେଓ୍ୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚାଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

ପୁରାଣ କାହାଣୀ

ନାରୀଙ୍କ ସାତଟି ବିଶେଷ ଗୁଣ

ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

କୁକୁର ପେଟରେ ଅଜବ ଖାଦ୍ୟ

ଆମେରିକାର ପେଙ୍ଗସିଲବେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା'ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା

ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର । ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଡୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

ଓଲଟା ଚାଲିବାର ଅଭ୍ୟାସ

ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି । ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି । ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କି ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

ଆଜିର ଭାଗ୍ୟ

ମେଷ — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

ବୃଷ — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

ମିଥୁନ — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

କର୍କଟ — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

ସିଂହ — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

କନ୍ୟା — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

ତୁଳା — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

ବିଛା — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

ଧନୁ — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

ମକର — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

କୁମ୍ଭ — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

ମୀନ — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସତ୍ୟସାଇ ଏକ ଅଲୌକିକ ଅନୁଭୂତି

ଇଣ୍ଡୋନେସିଆର କୌଣସି ଏକ ସ୍ଥାନରେ ୧୯୭୧ ମସିହାରେ ବିଶ୍ୱର ୧୦୩ ଜଣ ଶ୍ରେଷ୍ଠ ଭବିଷ୍ୟତ ବକ୍ତାଙ୍କର ଏକ ରୁଦ୍ଧ ଦ୍ୱାରା ବୈଠକ ବସି ଭବିଷ୍ୟତରେ ପୃଥିବୀ ପୃଷ୍ଠରେ ଘଟିବାକୁ ଯାଉଥିବା ଘଟଣା ପ୍ରବାହ ବିଷୟରେ ସେମାନେ ଆଲୋକପାତ କରିଥିଲେ। ସେତେବେଳେ ପୃଥିବୀପୃଷ୍ଠରେ ଥିଲା ଶୀତଳ ଯୁଦ୍ଧର ଘନ ବାଦଲ। ସେମାନଙ୍କର ଉଦ୍ଦେଶ୍ୟ ନଥିଲା ପ୍ରଚାର। ଏଣୁ ଏହି ଆଲୋଚନାର ସିଦ୍ଧାନ୍ତ ବିଷୟବସ୍ତୁ ଜାଣିଶୁଣି ସେମାନେ ଗୁପ୍ତ ରଖିଲେ। ପ୍ରାୟ ପାଞ୍ଚବର୍ଷ ପରେ ଏହି ସଭାର ଅଧ୍ୟକ୍ଷ ଯେ କି ଜଣେ ଇଣ୍ଡୋନେସିଆ ବ୍ୟକ୍ତି ଖବର କାଗଜ ପ୍ରତିନିଧିଙ୍କୁ ଅଳ୍ପ କେତୋଟି ବିଷୟର ସୂଚନା ଦେଇଥିଲେ। ସେମାନଙ୍କର ଗଣନା ଅନୁଯାୟୀ ୧୯୮୪ ପୂର୍ବରୁ ଆମେରିକା ଓ ରଷିଆ ମଧ୍ୟରେ ସମ୍ପର୍କ ଉନ୍ନତି କରିଥିବ। ଏସିଆରେ ଭାରତ ମୁଖ୍ୟ ରାଷ୍ଟ୍ର ଭାବେ ଉଭା ହେବ। ସବୁଠାରୁ ଉଲ୍ଲେଖଯୋଗ୍ୟ ବିଷୟରେ ଯାହା ସେମାନେ ଗଣନା କରିଥିଲେ ତାହା ହେଉଛି ପୃଥିବୀରେ ଏକ ''କ୍ରାନ୍ତିକାରୀ ପରିବର୍ତ୍ତନ'' ଖୁବ୍ ଧିର ପଦକ୍ଷେପରେ ଅଗ୍ରଗତି କରୁଅଛି - ଯାହାର ଫଳରେ ଆଧ୍ୟାତ୍ମିକବାଦୀ ବ୍ୟକ୍ତିବିଶେଷଙ୍କୁ ସମାଜର ବିଭିନ୍ନ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମିଳିବ। ସେମାନେ ଆହୁରି ଘୋଷଣା କରିଥିଲେ ଯେ, ଏହି କ୍ରାନ୍ତିକାରୀ ପରିବର୍ତ୍ତନ ଖୁବ୍ ସୂକ୍ଷ୍ମସ୍ତରରେ କାର୍ଯ୍ୟକାରୀ ହୋଇଚାଲିଛି। ଏସିଆର କୌଣସି ଏକ ସ୍ଥାନରେ ଜଣେ ସନ୍ଥ ଜନ୍ମ ଗ୍ରହଣ କରିସାରିଛନ୍ତି। ସେ ହେଉଛନ୍ତି ଏହି ସୂକ୍ଷ୍ମ କ୍ରାନ୍ତିକାରୀ ପରିବର୍ତ୍ତନର ସୂତ୍ରଧର। ଏହି ଶତାବ୍ଦୀର ଶେଷ ଭାଗରେ ଓ ଏକବିଂଶ ଶତାବ୍ଦୀର ପ୍ରଥମ ଦଶକ ମଧ୍ୟରେ ସେ ପ୍ରମାଣିତ ହେବେ ଯେ ସେ ହେଉଛନ୍ତ ଶ୍ରେଷ୍ଠ ଅବତାର। ବିଶ୍ୱବିଖ୍ୟାତ ଏହ ଶତାବ୍ଦୀର ଭବିଷ୍ୟତ ବକ୍ତାମାନେ ହୁଏତ ସତ୍ୟସାଇ ବାବାଙ୍କ ବିଷୟରେ ଅଳ୍ପ କିଛି ଜାଣିଥିବେ। ସେମାନେ ଯାହା କହିଛନ୍ତି ଏହା ସେମାନଙ୍କର ଅଙ୍ଗୋଲିଭା ଅନୁଭୂତି ନୁହେଁ ସେମାନଙ୍କର ଗଣନା ଅନୁସାରେ କ'ଣ କ'ଣ ଆଗକୁ ଘଟିବାକୁ ଯାଉଛି ସେମାନେ ତାଙ୍କ ସୂକ୍ଷ୍ମ ତନ୍ତ୍ରୀରେ ସେମାନେ ଅନୁଭବ କରିଥିଲେ। ସାଇ ବାବାଙ୍କୁ ବିଶ୍ୱର ଅଗଣତି ବ୍ୟକ୍ତି ଅବତାର ରୂପେ ଗ୍ରହଣ କରିସାରିଛନ୍ତି। କେତେକ ଲୋକ ପ୍ରଶ୍ନ କରନ୍ତି ସାଇବାବା ସତରେ କ'ଣ ଭଗବାନ ? ଏହା ଏକ ବ୍ୟକ୍ତିଗତ ପ୍ରଶ୍ନ। କିଛି ଅଲୌକିକ ଘଟଣା ପ୍ରଦର୍ଶନ ଯଦି ଅବତାରଙ୍କର ଲକ୍ଷଣ ବୋଲି ଧରାଯାଏ ତାହେଲେ ଅବତାର ଓ ଅନ୍ୟ ମୁନିଋଷି ମାନଙ୍କ ମଧ୍ୟରେ ପ୍ରଭେଦ ଆଉ କ'ଣ ? ବାବା କୁହନ୍ତି ଯେ ଅଲୌକିକ କାର୍ଯ୍ୟ କରିବା ମୋର ଶକ୍ତିର ନିଦର୍ଶନ ନୁହେଁ, ମୋର ନିଦର୍ଶନ ହେଉଛି ପ୍ରେମ। ବାବାଙ୍କ ସମ୍ଭାଷଣ ପୂର୍ବରୁ ସମବେତ ଜନତାଙ୍କୁ ସେ ସମ୍ବୋଧନା କରନ୍ତି ପ୍ରେମସ୍ୱରୂପଲ୍ଲୁ।

ଯୋଗ ସାଧକମାନେ ମଧ୍ୟ ବେଳେ ବେଳେ କିଛି ଅଲୌକିକତା ପ୍ରଦର୍ଶନ କରନ୍ତି। ହୁଏତ ସେଇଥିପାଇଁ ଭଗବାନ କୃଷ୍ଣଙ୍କର ସମ ସାମୟିକ ବହୁ ଯୋଗୀଋଷିମାନେ କୃଷ୍ଣଙ୍କୁ ଅବତାରୀ ହିସାବରେ ଗ୍ରହଣ କରିପାରିନଥିଲେ। ଦୁର୍ଯ୍ୟୋଧନର ରାଜ ସଭାରେ କୃଷ୍ଣ ତାଙ୍କର ପୂର୍ବ ଅବତାର ରୂପ ପରିଗ୍ରହ କରି ସମସ୍ତଙ୍କୁ ଚମତ୍କୃତ କରାଇଥିଲେ ମଧ୍ୟ ତଥାପି ସେମାନଙ୍କର ଅଜ୍ଞାନତା ଦୂର ହୋଇନଥିଲା। ବା କୃଷ୍ଣଙ୍କର ପ୍ରକୃତ ଦୈବସ୍ୱରୂପ ସେମାନେ ଚିହ୍ନିପାରି ନଥିଲେ। ୧୯୮୦ ମସିହା ଏପ୍ରିଲ ଭାଗ୍ୟଲିପି ସଂଖ୍ୟାରେ ଜଣେ ଆମେରିକୀୟ ବୈଜ୍ଞାନିକଙ୍କ ଅଭିଜ୍ଞତା ବିଷୟରେ ଲେଖକ ବିଖ୍ୟାତ ପତ୍ରିକା ''ବ୍ଲିଜ୍''ରୁ ତାହା ଉଦ୍ଧାର କରିଛନ୍ତି। ଏହି ବୈଜ୍ଞାନିକ ଏକ କ୍ୟାମେରା ଉଦ୍ଭାବନ କରିଛନ୍ତି ଯାହା ସାହାଯ୍ୟରେ ମଣିଷ ମନର ପ୍ରବଣତା ସେ ମାପି ପାରନ୍ତି, ବିଭିନ୍ନ ରଙ୍ଗ ସଙ୍କେତ ଦ୍ୱାରା। ସେହି ମାପକାଠିରେ ସେ ସାଇବାବାଙ୍କୁ ମାପିବାକୁ ଚେଷ୍ଟା କରି ଦେଖିଲେ ଯେ ସେ ଅସୀମ। ତାଙ୍କ ଠାରୁ ବିଚ୍ଛୁରିତ ହେଉଥିବା ନୀଳରଙ୍ଗର ଜ୍ୟୋତି ସମଗ୍ର ଦିଗ୍‌ବଳୟ ଭେଦ କରୁଥିଲା। ବୈଜ୍ଞାନିକ ମହାଶୟଙ୍କର ଏତିକିରେ ବୁଝିବାକୁ ବାକି ରହିଲା ନାହିଁ ଯେ ସାଇବାବା ଜଣେ ସାଧାରଣ ସାଧୁ ସନ୍ଥ ନୁହନ୍ତି। ତତ୍‌ପୂର୍ବରୁ ସେ ବହୁ ଭାରତୀୟ ସାଧୁ ସନ୍ଥଙ୍କ ଫଟୋ ତାଙ୍କ ଅଦ୍ଭୁତ କ୍ୟାମେରାରେ ନେଇ ତାହା ପରୀକ୍ଷା କରିସାରିଥିଲେ। ଅନ୍ୟ ଏକ ତଦ୍ରୂପ ଘଟଣା। ଏହା ହେଉଛି ୧୯୭୧ ମସିହା ଡିସେମ୍ବର ୨୫ ତାରିଖ ଘଟଣା। ମେକ୍ସିକୋବାସୀ ଡକ୍ଟର ଜନ୍ ହିସଲପ୍‌ଙ୍କ ଟେପ ରେକର୍ଡ଼ ବିବୃତି। ସେତେବେଳେ ଶ୍ରୀ କାଞ୍ଚାନ୍ ଓ ତାଙ୍କ ସ୍ତ୍ରୀ ଅନ୍ୟ କେତେକ ଆମେରିକୀୟ ଲୋକଙ୍କ ସହ ମାଡ୍ରାସରେ ରହୁଥିଲେ। କାଞ୍ଚାନ ନିମୋନିଆ ରୋଗରେ ଆକ୍ରାନ୍ତ ହୋଇ ଦେହତ୍ୟାଗ କଲେ ଡାକ୍ତରଖାନାରେ। ଡାକ୍ତରମାନେ ପରୀକ୍ଷା କରି ଘୋଷଣା କଲେ ଯେ କାଞ୍ଚାନ ମୃତ। ତାଙ୍କର କାନ ଦୁଇଟିକୁ ତୁଳା ଦ୍ୱାରା ବନ୍ଦ କରିଦେଇ ମୃତ ଶରୀରକୁ ଧଳାକନାରେ ଗୋଡ଼ାଇ ଡାକ୍ତରଖାନାରେ ରଖାଯାଇଥିଲା। ସେତେବେଳେ ସତ୍ୟସାଇ ବାବା ମାଡ୍ରାସରେ ଥିଲେ। ତେଣୁ ଶ୍ରୀମତୀ କାଞ୍ଚାନ ବାବାଙ୍କୁ ତାଙ୍କ ଦୁଃଖ ଜଣାଇବାରୁ ବାବା ସେଦିନ ମୃତ୍ୟୁର ଦୁଇଘଣ୍ଟା ପରେ ଡାକ୍ତରଖାନାରେ ପହଞ୍ଚିଲେ। ଏହି ଦୁଇଘଣ୍ଟା ସମୟ ମଧ୍ୟରେ କାଞ୍ଚାନଙ୍କର ଅଭିଜ୍ଞତା ହେଉଛି ଏହିପରି। ''ମୁଁ ଯେତେବେଳେ ମୃତ୍ୟୁକୁ ଅପେକ୍ଷା କରିଥିଲି ମୁଁ ନିସ୍ତବ୍ଧ ନିଶ୍ଚଳ ହୋଇପଡ଼ିଥାଏ ମାତ୍ର ଆଶ୍ଚର୍ଯ୍ୟ ପ୍ରକାର ପ୍ରଶାନ୍ତି ପାଉଥାଏ। କାରଣ ଭଗବାନ ସତ୍ୟସାଇ ବାବା ମୋ ନିକଟରେ ଥାଆନ୍ତି। ଯଦିଓ ମୋର ମରଶରୀର ବିଛଣା ପଡ଼ିଥାଏ ମୋର ମନ ଠିକ୍ ଭାବେ କାମ କରୁଥାଏ, ମନରେ କୌଣସି ପ୍ରକାର ଭୟଭ୍ରାନ୍ତି ନଥାଏ ମାତ୍ର ଗଭୀର ଆତ୍ମ ବିଶ୍ୱାସ ଥାଏ। ମୁଁ ଅନୁଭବ କଲି ବାବାଙ୍କ ସହ ମୁଁ ଗୋଟିଏ ବଡ଼ ହଲଘରେ ପହଞ୍ଚିଲୁ। ସେଠାରେ ପ୍ରାୟ ଶହେ ଜଣ ପର୍ଯ୍ୟନ୍ତ ଲୋକ ମୋ ଚାରିପଟେ ଘେରି ବସିଥାନ୍ତି। ଏହି ସ୍ଥାନରେ ମୋ ପୂର୍ବ ଜନ୍ମର ସବୁତକ ଘଟଣାବଳୀ ଏକତ୍ରିତ ହୋଇଥାଏ। ବାବା ଏବଂ ମୁଁ ବିଚାରପତିଙ୍କ ସମ୍ମୁଖରେ ପହଞ୍ଚିଲୁ। ବିଚାରପତି ଜଣଙ୍କ ସାଇବାବାଙ୍କୁ ଖୁବ୍ ଭଲ ଭାବେ ଜାଣିଥାନ୍ତି। ବିଚାରପତି ଜଣଙ୍କ ଖୁବ୍ ସୁନ୍ଦର ଓ ଦୟାଳୁ ବ୍ୟକ୍ତି ପରି ଜଣାପଡୁଥାନ୍ତି। ତାଙ୍କ ପାଖରେ ମୋର ସମସ୍ତ ନଥିପତ୍ର ପହଞ୍ଚିଲା। ଏଗୁଡ଼ିକ ବିଭିନ୍ନ ପ୍ରକାର ଭାଷାରେ ଲେଖା ହୋଇଥିଲା। ଯେତେବେଳେ ଏହିସବୁ ପାଠ କରାଗଲା ସେତେବେଳେ ବାବା ବିଶ୍ଳେଷଣ କରିବାକୁ ଲାଗିଲେ ପ୍ରାରମ୍ଭରେ କେତେ ଗୁଡ଼ିଏ ଦେଶ ବିଷୟରେ ମୁଁ ଶୁଣିଲି। ଯେଉଁଗୁଡ଼ିକ କି ହଜାର ବର୍ଷ ତଳର ଘଟଣା। ଏସବୁ ମୁଁ କିଛି ସ୍ମରଣ କରିପାରିଲି ନାହିଁ। ଯେତେବେଳେ ରାଜା ଡେଭିଡ୍‌ଙ୍କ ନିକଟରେ ମୋ ଜୀବନୀ ପାଠ କଲେ ସେତେବେଳେ ମୁଁ ଜାଣି ଆଶ୍ଚର୍ଯ୍ୟ ହେଲି ଯେ ବାସ୍ତବରେ ବିଗତ ଜନ୍ମ ଗୁଡ଼ିକ କେତେ ମାତ୍ରାରେ ସାର୍ଥକପୂର୍ଣ୍ଣ ନୁହେଁ। ପରିଶେଷରେ ସାଇବାବା କହିଲେ ଯେ ସେ ଯେଉଁ କାମ କରିବାଲାଗି ମର୍ତ୍ତ୍ୟରେ ଜନ୍ମ ହୋଇଛନ୍ତି ତାଙ୍କର ସତ୍ୟ ପ୍ରଚାରର ସଂକଳ୍ପ ଏ ପର୍ଯ୍ୟନ୍ତ ଶେଷ ହୋଇନାହିଁ। ତେଣୁ ବିଚାରପତିଙ୍କୁ ମୋର ଜୀବାତ୍ମାକୁ ପୁଣି ଫେରାଇ ଦେବାପାଇଁ କହିଲେ। ବିଚାରପତି ଏ କଥାରେ ଏକମତ ହୋଇ ମୋତେ ପୁଣିଥରେ ମର୍ତ୍ତ୍ୟକୁ ଫେରାଇ ଦେବାକୁ ଆଦେଶ ଦେଲେ। ବାସ୍ତବରେ ସେ ସମୟର ଅତ୍ୟାଶ୍ଚର୍ଯ୍ୟ ପ୍ରଶାନ୍ତିକୁ ଛାଡ଼ି ମୋର ସଂସାରକୁ ଫେରି ଆସିବାର ଆଦୌ ଇଚ୍ଛା ନଥିଲା ମାତ୍ର ଯେତେବେଳେ ଏହା ବାବାଙ୍କ ସଂକଳ୍ପ ବୋଲି ମୁଁ ଜାଣିଲି ମୋ ପାଇଁ ଅନ୍ୟ ଉପାୟ ନଥିଲା। ଏହା ମୋର ଭୁଲ ଅନୁଭୂତି ନୁହେଁ ଏ ହେଉଛି ଏକ ସତ୍ୟର ଜ୍ୱଳନ୍ତ ନିଦର୍ଶନ। ଆଜି ମୋର ଜୀବନ ଭଗବାନ ବାବାଙ୍କ ଚରଣ ତଳେ ସମର୍ପିତ''।

ସୁରେନ୍ଦ୍ରନାଥ ଭୂୟାଁ, ଅବସରପ୍ରାପ୍ତ ଶିକ୍ଷକ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୯୮୮୪୭୮୫
(୧୯୮୦ ମସିହା ଭାଗ୍ୟଲିପି, ସୌଜନ୍ୟରୁ)

ପରିବେଶ ଶୋଷଣରେ ଆଧୁନିକ ଯୁଦ୍ଧର ଭୂମିକା

ମଣିଷର ପ୍ରତିଟି କ୍ରିୟା ପରିବେଶେ ଉପରେ ଅନକୂଳ ଅଥବା ପ୍ରତିକୂଳ ପ୍ରଭାବ ପକାଇଥାଏ। ଯୁଦ୍ଧ ମଣିଷର ଏକ ଏମିତି କ୍ରିୟା ଯାହା ପରିବେଶ ଉପରେ ଭୟଙ୍କର ପ୍ରତିକୂଳ ପ୍ରଭାବ ପକାଇଥାଏ। ଯୁଝିବା ବା ଅର୍ଥରେ ଯୁଦ୍ଧ। ଏହାର ଅର୍ଥ ବ୍ୟାପକ। ଦୁଇଜଣଙ୍କ ମଧ୍ୟରେ ଯୁଦ୍ଧ ହେଲେ, ଏବଂ ଏହା ପାରମ୍ପରିକ କୌଶଳରେ ହେଉଥିଲେ, ଏହାକୁ ଲଢେଇ ବା ଦ୍ୱନ୍ଦ ଯୁଦ୍ଧ କୁହାଯାଏ। ଦୁଇଦଳ ଅଥବା ଦୁଇଟି ରାଜ୍ୟ ମଧ୍ୟରେ ହେଲେ, ତାକୁ ଯୁଦ୍ଧ ବା ବାଟଲ୍ କୁହାଯିବ; ଶାସକ ଓ ଶାସିତ ମାନଙ୍କ ମଧ୍ୟରେ ଆନ୍ଦୋଳନ ବା ଯୁଦ୍ଧ ହେଲେ ତାକୁ ସଂଗ୍ରାମ ବୋଲି କୁହାଯିବ; ଦୁଇଟି ଦେଶ ମଧ୍ୟରେ ଯୁଦ୍ଧ ହେଲେ, ତାକୁ ସମର ବୋଲି କୁହାଯିବ ଏବଂ ସମଗ୍ର ବିଶ୍ୱରେ ଦେଶମାନେ ପକ୍ଷଭୁକ୍ତ ହୋଇ ଯୁଦ୍ଧ କଲେ, ତାକୁ ମହାସମର ବା ବିଶ୍ୱଯୁଦ୍ଧ କୁହାଯିବ। ଯୁଦ୍ଧରେ ବ୍ୟବହାର ହେଉଥିବା ଅସ୍ତର ପ୍ରକାର ଭେଦ ଅଛି। ପାରମ୍ପାରିକ ଯୁଦ୍ଧରେ ହାତ, ହତିଆର , ଧନୁ, ତୀର ଇତ୍ୟାଦିର ବ୍ୟବହାର ଥାଏ। ଏ ସବୁ ଯୁଦ୍ଧରେ କେବଳ ସଂପୃକ୍ତ ଯୁଦ୍ଧରତ ବ୍ୟକ୍ତି, ସୈନିକ ବା ପାଇକାର ମୃତ୍ୟୁ ବା କ୍ଷତି ହୋଇଥାଏ। ପରିବେଶ, ସର୍ବସାଧାରଣ, ଧର୍ମାନୁଷ୍ଠାନ, ଶିକ୍ଷାନୁଷ୍ଠାନ ଅଥବା ସ୍ୱାସ୍ଥ୍ୟ କେନ୍ଦ୍ର ଇତ୍ୟାଦି ଏଥିରେ ପ୍ରଭାବିତ ହୋଇନଥାନ୍ତି। ଆଧୁନିକ ଯୁଦ୍ଧର ଅସ୍ତ୍ରରୂପେ ଖାଲି ଗୋଳା, ବାରୁଦ, କମାଣ, ବନ୍ଧୁକ, ମେସିନ ଗନ୍ ଇତ୍ୟାଦି ବ୍ୟବହାର ହୋଇନଥାଏ। ଅପରନ୍ତ ପରମାଣୁ ବୋମାବିସ୍ଫୋରଣ, ଅଣୁ ଅସ୍ତ୍ର ତଥା ରେଜର ରଶ୍ମିର ପ୍ରୟୋଗ କାର୍ଯ୍ୟକାରୀ ହେଲାଣି। ଏହାର ଭୟାବହତା କଳ୍ପନାତୀତ। ଏହାର କୁ ପ୍ରଭାବ , ଜଳ, ସ୍ଥଳ ଓ ଆକାଶ ଉପରେ ପଡୁଛି। ଏହାଦ୍ୱାରା କି ମଣିଷ କି ଉଦ୍‌ଭିଦ୍ ଓ ପ୍ରାଣୀ ସମସ୍ତେ ପ୍ରଭାବିତ। ଏହି ଦୃଷ୍ଟିରୁ ବିଚାର କଲେ, ମନୁଷ୍ୟ ଜାତିର ଇତିହାସରେ ପ୍ରଥମ ବିଶ୍ୱଯୁଦ୍ଧଥିଲା ସର୍ବାଧିକ ରକ୍ତାତ ସଂଗ୍ରାମ। ଅର୍ଥନୈତିକ ଦୃଷ୍ଟିରୁ ଏହାଥିଲା ସର୍ବାଧିକ ବ୍ୟୟ ବହୁଳ। ଜୀବନ ହାନି ଓ ଅର୍ଥହାନି ଦୃଷ୍ଟିରୁ ଏହି ଯୁଦ୍ଧ ବିଶ୍ୱ ବାସୀଙ୍କର ଅଶେଷ ଅହିତ ସାଧନା କରିଥିଲା। ଗଣନା ଅନୁସାରେ ୬୫ ନିୟୁତ ସୈନିକ ଏଥିରେ ନିଯୁକ୍ତ ଥିଲେ ଏବଂ ଏଥିରୁ ସାଢେ ଆଠ ନିୟୁତ ସୈନ୍ୟ ରଣାଙ୍ଗନରେ ଆହତ ଜନତି ମୃତ୍ୟୁ ବରଣ କଲେ। ୨୧ ନିୟୁତ ଆହତ ହୋଇ ଫେରିଲେ; ଯୁଦ୍ଧରେ ଧ୍ୱଂସ ଲୀଳା ମଧ୍ୟରେ ବେସାମରିକ ନାଗରିକମାନେ ଥିଲେ ୧୩ ନିୟୁତ। ଏଥିରୁ ପ୍ରମାଣିତ ହେଲା ଯେ ଏଣିକି ଯୁଦ୍ଧହେଲେ ସାମରିକ ଲୋକ ଅପେକ୍ଷା ବେସାମ୍ରରିକ ଲୋକଙ୍କ ମୃତାହତ ସଂଖ୍ୟା ଅଧିକହେବ। ଏହି ଯୁଦ୍ଧରେ ଧନ ସଂପତ୍ତି କ୍ଷତି ପରିମାଣ କଳନା କରି ହେଲା ନାହିଁ ଅଥଚ ଏହାର ବିଭିଷୀକା ପରିବେଶ ସହିତ ମଣିଷ ଜାତିକୁ ସ୍ତମ୍ଭୀଭୂତ କରିଦେଲା। ଦ୍ୱିତୀୟ ବିଶ୍ୱଯୁଦ୍ଧର ଭୟାବହତା ଆହୁରି ବଳାଇ ଗଲା। ଏହି ଯୁଦ୍ଧରେ ମୃତ୍ୟୁ ସଂଖ୍ୟା କଳନା କରିହେଲା ନାହିଁ। ତଥାପି ଅନୁମାନ କରାଯାଏ ଯେ ଏହି ଯୁଦ୍ଧରେ ୩୫ ନିୟୁତରୁ ୬୦ ନିୟୁତ ଲୋକ ଜୀବନ ହରାଇଥିଲେ। ପାର୍ଥିବ କ୍ଷୟ କ୍ଷତିର ପରିମାଣ ଚିର ଦିନ ଅକଳନ୍ତି ରହିଲା। ଏହିଯୁଦ୍ଧରେ ପ୍ରଥମ କରି ପରମାଣୁ ବୋମାର ପ୍ରୟୋଗ ହେଲା। ଜାପାନର ହିରୋସୀମା ଉପରେ ୬ ଅଗଷ୍ଟ ୧୯୪୫ ମସିହାରେ ଆମେରିକା ତର'ରୁ ପ୍ରଥମ ପରମାଣୁ ବୋମା ପ୍ରୟୋଗ ହେଲା ଯାହାର ପ୍ରଭାବରେ ୬୬ ହଜାର ଲୋକଙ୍କ ମୃତ୍ୟୁ ସହ ହୀରୋସୀମା ସହର ଏବଂ ଏହାର ପରିବେଶ ଧ୍ୱଂସସ୍ତୁପରେ ପରିଣତ ହୋଇଗଲା। ପରେ ପରେ ୬ ଅଗଷ୍ଟ ୧୯୪୫ରେ ସେହି ଜାପାନର ନାଗାସାକିରେ ୨ୟ ପରମାଣୁ ବୋମା ପ୍ରୟୋଗ ହେଲା। ନିମିଷିକ ମଧ୍ୟରେ ୪୦ ହଜାର ଲୋକ ଧ୍ୱଂସୀଭୂତ ହେଲେ। ଯିଏ ବଂଚିଲେ, ଏଯାବତ୍ ପଂଗୁ ହୋଇ ବଂଚିଛନ୍ତି। ସେ ଯାଗାରେ ଦୂବ ମଧ୍ୟ କଅଁଳେ ନାହିଁ। ଏଠାକାର ଜଳ, ବାୟୁ, ମାଟି ଓ ଅକାଶ ପ୍ରଦୂଷିତ ହୋଇଗଲେ। ଜୀବଜନ୍ତୁ ତିଷ୍ଠିବାରେ ଏହା ବିପରୀତ ପ୍ରତିକୂଳ ସୃଷ୍ଟିକଲା। ଏହାଠାରୁ ବଳି ଭୟଙ୍କର ଅଣୁଅସ୍ତ୍ର ଓ ରେଜର ରଶ୍ମି ଅପେକ୍ଷା କରିଛନ୍ତି। ଯଦି ତୃତୀୟ ବିଶ୍ୱ ଯୁଦ୍ଧ ହୁଏ, ପୃଥିବୀର ଉଦ୍ଭିଦ ଓ ପ୍ରାଣୀ ସହ ଗୋଡି ମାଟି ଧ୍ୱଂସ ହୋଇଯିବ। ପରମାଣୁ ବୋମାର ଉଦ୍ଭାବକ ଏଇନ୍‌ଷ୍ଟେନ ଏହାର ଭୟାବହତା ଜାଣିବା ପରେ ସାରା ବିଶ୍ୱର ବୈଜ୍ଞାନିକ, ଶାସକ, ଦୁଷ୍ଟ ବ୍ୟକ୍ତି ସମୂହକୁ ଶୁଣାଇ ଦେଲେ ଯେ ଯଦି ତୃତୀୟ ବିଶ୍ୱଯୁଦ୍ଧ ହୁଏ, ସାରା ବିଶ୍ୱରୁ ମଣିଷ ଜାତି ସଂପୂର୍ଣ୍ଣ ଭାବେ ଲୋପ ପାଇଯିବ। ଏଣୁ ଏ ପ୍ରକାର ମାରଣାସ୍ତ୍ରର ପ୍ରସ୍ତୁତି ଓ ପ୍ରୟୋଗକୁ ସଂପୂର୍ଣ୍ଣ ନିଷେଧ କରାଯାଉ। ଏଇନ୍‌ଷ୍ଟାଇନ ଏହାର ଶାନ୍ତିପୂର୍ଣ୍ଣ ବିନିଯୋଗ କଥା ଚିନ୍ତା କରିଥିଲେ। ସେ ଏହାର ଧ୍ୱଂସକାରୀ ଶକ୍ତି କଥା ସ୍ୱପ୍ନରେ ବି ଭାବି ନଥିଲେ। ଏଥିପାଇଁ ସେ ବହୁତ ଦୁଃଖ ପାଇଥିଲେ। ପାରମ୍ପରିକ ଯୁଦ୍ଧରେ ସ୍ୱତନ୍ତ୍ର ନିୟମ କାନୁନ ଥିଲା। ସେଥିରେ ସାଧାରଣ ବା ବେସାମରିକ ବ୍ୟକ୍ତି, ପଶୁପକ୍ଷୀ, ଜଂଗଲ, କୃଷି କ୍ଷେତ୍ର, ଜଳାଶୟ, ମୃତିକା କିମ୍ବା ବାୟୁ ଇତ୍ୟାଦି ମଣିଷର ବଂଚିବାର ଉପାଦାନ ଯେତେ, ସେମାନେ କେହି ପ୍ରଭାବିତ ହେଉନଥିଲେ। ବର୍ତ୍ତମାନର ଯୁଦ୍ଧରେ ସମଗ୍ର ମାନବ ଜାତି ଶିକାର, ଜଳ ପ୍ରଦୂଷିତ, କୃଷିରେ ହାନୀ, ଜଂଗଲରେ ଅଗ୍ନିପାତ, ମୃତ୍ତିକା ଓ ପବନ ବିଷାକ୍ତ , ଏଣୁ ଜୀବଜନ୍ତୁଙ୍କ ମୃତ୍ୟୁ; ସାଧାରଣ ଧର୍ମାନୁଷ୍ଠାନ, ଶିକ୍ଷାନୁଷ୍ଠାନ, ଏବଂ ସେବାନୁଷ୍ଠାନ ଇତ୍ୟାଦି ଧ୍ୱଂସୀଭୂତ। ମୋଟ ଉପରେ ସମଗ୍ର ବିଶ୍ୱର ପରିବେଷ ଶୋଷିତ ଏବଂ ପ୍ରଦୂଷିତ ହେଉଛି। ଯାହାକି ବଂଚିବା ପାଇଁ ପ୍ରତିକୂଳ ବାତାବରଣ ସୃଷ୍ଟି କରିଛି। ୨୦୦୬ ମସିହା ନଭେମ୍ବର ୬ ତାରିଖରେ ପରିବେଶ ପ୍ରତି ଯୁଦ୍ଧାସ୍ତ୍ରର ପ୍ରୟୋଗରୁ ନିବୃତ୍ତି ନେବା ପାଇଁ ମିଳିତ ଜାତିସଂଘର ସାଧାରଣ ଆସେମ୍ବ୍ଲି ଦ୍ୱାରା ଏକ ପ୍ରସ୍ତାବ ଗୃହୀତ ହୋଇଛି ଏବଂ ଏଥିପ୍ରତି ସାବଧାନ ରହିବା ପାଇଁ ସମସ୍ତ ଦେଶର ଶାସନ ନିୟନ୍ତ୍ରକ, ବୈଜ୍ଞାନିକ, ବୃଦ୍ଧିଜୀବୀ, ପ୍ରକୃତିପ୍ରେମୀ, ପରିବେଶବିତ୍ ତଥା ନିଜ ପାଇଁ ଶୁଭକାମନା କରୁଥିବା ମଣିଷ ଜାତିକୁ ସହଯୋଗ କରିବାକୁ ନିବେଦନ କରାଯାଇଛି। ଏ ନେଇ ଜାତିସଂଘ ତରଫରୁ ଜନସଚେତନତା ସୃଷ୍ଟି ପାଇଁ ଏହି ଦିବସଟି ସମସ୍ତ ବିଶ୍ୱରେ ଯୁଦ୍ଧଜନିତ ପରିବେଶ ଶୋଷଣ ବିରୋଧୀ ଦିବସ ରୂପେ ପାଳନ କରାଯାଉଛି ଓ ବିଭିନ୍ନ କାର୍ଯ୍ୟକ୍ରମ ରଖାଯାଇଛି। ବଂଚିବାକୁ ଆମେ ଭଲପାଏ। ବଂଚିବା ଆମର ଅଧିକାର ଆସନ୍ତୁ ପରିବେଶକୁ ରକ୍ଷା କରିବା। ଆମେ ଯଦି ପରିବେଶର ଯତ୍ନ ନନେବା ସେ ଆମର ଯତ୍ନ ନେବ କିପରି ? ଆମେ ବଂଚିବା କେମିତି ? ସେଥିପାଇଁ କୁହାଯାଇଛି–"If you nurture the Nature, the Nature will nurture you." ଏଇଟା ଏବେ ଆମେ ଭାବିବା ଏବଂ କାର୍ଯ୍ୟକ୍ଷେତ୍ରରେ ଲଗାଇବା ବେଳ।

ବିପିନବିହାରୀ ମହାନ୍ତି, ଅଧକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ: ବିପିନ ବିହାରୀ ପାଠାଗାର, ବିକାଶ ନଗର, ଜଟଣୀ, ଖୋର୍ଦ୍ଧା, ମୋ., ୯୯୩୮୩୪୪୧୩୮

ଓଡ଼ିଶା ଇତିହାସରେ ପ୍ରଥମ ଥର ପାଇଁ ୩୦ ଭାଷାରେ ପବିତ୍ର କୋରାନର ପ୍ରଦର୍ଶନୀ

ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ୟୁନିଟ ୩ ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଚାଲୁରହିଥିବା ୨୨ତମ ରାଜଧାନୀ ପୁସ୍ତକ ମେଳାରେ ବିଭିନ୍ନ ପୁସ୍ତକ ଭଣ୍ଡାର ଖୋଲାଯାଇଛି। ଏହି ପୁସ୍ତକ ମେଳାରେ ଅହମଦୀୟା ମୁସଲିମ ସଂଗଠନ ପକ୍ଷରୁ ୩୦ ଗୋଟି ଭାଷାରେ ପବିତ୍ର କୋରାନ ପ୍ରଦର୍ଶନୀ ଲୋକମାନଙ୍କୁ ଆଚମ୍ବିତ କରିଛି। ଓଡ଼ିଶାରେ ପ୍ରଥମ ଥର ପାଇଁ ଅହମଦୀୟା ମୁସଲିମ ସଂଗଠନ ପକ୍ଷରୁ ଏହି ପବିତ୍ର କୋରାନ ପ୍ରଦର୍ଶନୀ ଭୁବନଶ୍ୱରରେ ଖୋଲାଯାଇଛି। ଆଜିର ବ୍ୟସ୍ତତା ଜୀ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪



ଭୁବନେଶ୍ୱର, ୨୦୧୯, ନଭେମ୍ବର ୦୮

ଖାଦ୍ୟନଷ୍ଟ ଏକ ସାମାଜିକ ଅପରାଧ

ସାରା ବିଶ୍ୱରେ ଉତ୍ପାଦନ ହେଉଥିବା ଖାଦ୍ୟର ଏକ ତୃତୀୟାଂଶ ନଷ୍ଟ ହୋଇଯାଏ । ଯାହାର ପ୍ରଭାବରେ ବିଶ୍ୱ ଅର୍ଥନୀତିର ୪୭ଲକ୍ଷ କୋଟି ଟଙ୍କାର କ୍ଷତି ହୋଇଥାଏ ବୋଲି ଜାତିସଂଘର ଏକ ପରିସଂଖ୍ୟାନ ତଥ୍ୟ ନିକଟଅତୀତରେ ଗଣମାଧ୍ୟମରେ ପ୍ରକାଶ ପାଇଛି । ଜାତିସଂଘର ଖାଦ୍ୟ ସଂଗଠନ ଏଫଏଓ କହିଛି ଯେ ପ୍ରତିବର୍ଷ ପାଖାପାଖି ୧୩୦ କୋଟି ଟନ୍ ଖାଦ୍ୟ ନଷ୍ଟ ହେଉଛି । ଏହି ରିପୋର୍ଟରେ ଏସିଆ ମହାଦେଶରେ ବିଶେଷକରି ଚୀନକୁ ଅଧିକ ଦାୟୀ କରାଯାଇଛି । ସେହିପରି ଅନ୍ୟ ଏକ ତଥ୍ୟରୁ ଜଣାଯାଇଛି ଯେ ସାରା ବିଶ୍ୱରେ ପ୍ରତିବର୍ଷ ଯେତିକି ପରିମାଣର ଖାଦ୍ୟ ନଷ୍ଟ ହେଉଛି ତାହା ପୃଥିବୀର ଅନ୍ୟତମ ବିକାଶଶୀଳ ରାଷ୍ଟ୍ର ସୁଇଜରଲ୍ୟାଣ୍ଡର ମୋଟ ଘରୋଇ ଉତ୍ପାଦ ଜିଡ଼ିପି ମୂଲ୍ୟ ସହ ସମାନ । ଜାତିସଂଘ ଏହାକୁ ଏକ ଗୁରୁତର ସମସ୍ୟା ବୋଲି କହିଥିବାବେଳେ ନିଶ୍ଚିତ ଭାବେ ଏହା ସତର୍କଘଣ୍ଟି ସହ ସଦୃଶ । ଏହାର ପ୍ରତିକୂଳ ପ୍ରଭାବ କେତେଦୂର ପ୍ରସାରୀ ତାହା କେହି ବର୍ତ୍ତମାନ ଆକଳନ କରିପାରୁନଥିଲେ ବି ଆମର ପରବର୍ତ୍ତୀ ପିଢ଼ୀର ଉତ୍ତରାଧିକାରୀମାନେ ଏହାଦ୍ୱାରା ଗୁରୁତର ଭାବେ ପ୍ରଭାବିତ ହେବେ । ବିଶ୍ୱର ଜନସଂଖ୍ୟା ସହ ଆଉ ଦୁଇଶହ କୋଟି ଲୋକ ଯୋଡ଼ିବାକୁ ହେଲେ ୩୭ବର୍ଷ ସମୟ ଲାଗିଯିବ । ଏହାପରେ ମୁଖ୍ୟ ସମସ୍ୟା ହେଉଛି କିଭଳି ଭାବେ ଏହି ବିପୁଳ ସଂଖ୍ୟକ ଲୋକଙ୍କୁ ଖାଦ୍ୟ ଯୋଗାଇ ଦିଆଯିବ ? ପ୍ରଥମତଃ ନଷ୍ଟ ହେଉଥିବା ଖାଦ୍ୟକୁ ସଂରକ୍ଷିତ ରଖିପାରିଲେ କ୍ଷୁଧାର୍ତ୍ତଙ୍କ ସଂଖ୍ୟା ଅନେକାଂଶରେ ଦୂରିଭୂତ ହୋଇପାରିବ । ଖାଦ୍ୟ ନଷ୍ଟ ପାଇଁ ବିଭିନ୍ନ ସାମାଜିକ କାରଣ ମଧ୍ୟ ସମପରିମାଣରେ ଦାୟୀ । ଆବଶ୍ୟକତାଠାରୁ ଅଧିକ ପରିମାଣର ଖାଦ୍ୟ ମହଜୁଦ୍ ରଖି ପରବର୍ତ୍ତୀ ସମୟରେ ତାରିଖ ଅବଧି ନଥିବା ବାହାନାରେ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟନଷ୍ଟ କରାଯାଉଛି । ଧନୀ ରାଷ୍ଟ୍ରଗୁଡ଼ିକରେ ଖାଇବା ସ୍ତରରେ ଖାଦ୍ୟ ନଷ୍ଟ କରାଯାଉଥିବା ବେଳେ ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ଉତ୍ପାଦନ ସ୍ତରରେ ଖାଦ୍ୟ ନଷ୍ଟ କରାଯାଉଛି । ସେହିପରି ମଣିଷଙ୍କ ଜୀବନଧାରଣର ମୁଖ୍ୟ ଖାଦ୍ୟ କୁହାଯାଉଥିବା ପନିପରିବା ନଷ୍ଟ ତାଲିକାର ଶୀର୍ଷରେ ପୃଥିବୀର ଜନସଂଖ୍ୟା ବହୁଳ ଓ ପ୍ରଭୂତ ବିକଶିତ ରାଷ୍ଟ୍ର ଭାବେ ପରିଚିତ ଚୀନ, ଜାପାନ ଓ ଦକ୍ଷିଣ କୋରିଆର ସ୍ଥାନ । ସାଧାରଣ ଜୀବନରେ ଆମ୍ଭେମାନେ ସାମାଜିକ ବନ୍ଧୁମିଳନ, ପାର୍ବଣ ବା ଭୋଜିଭାତରେ ଦେଖିଥାଉ ଯେ ପ୍ରଚୁର ପରିମାଣରେ ଖାଦ୍ୟ ନଷ୍ଟ ହୋଇଥାଏ । ଉଚ୍ଚମୂଲ୍ୟର ଦାମୀ କ୍ଷୀରି ହେଉ ବା ମିଷ୍ଟାନ୍ନ, ସୁସ୍ୱାଦୁ ଫଳ ହେଉ ଏପରିକି ଆମିଷ ମଧ୍ୟ ଫୋପାଡ଼ିବା ଏକପ୍ରକାର ଷ୍ଟାଟସ ସିମ୍ବଲ ପାଲଟିଲାଣି । ଏହି ଭୋଜିଭାତର ଆୟୋଜିତ ସ୍ଥାନର ପରବର୍ତ୍ତୀ ଦିନରେ ବାହାରେ କୁଢ଼ କୁଢ଼ ଖାଦ୍ୟର ଆବର୍ଜନା ଗଦା ହୋଇ ରହିଥାଏ । ଦୁଃଖଦ ପ୍ରସଙ୍ଗ ହେଉଛି ବଡ଼ଲୋକମାନଙ୍କର ଏହି ଖାଦ୍ୟ ଫୋପଡ଼ା ଗୁଣ ସେମାନଙ୍କ ପିଲାମାନେ ମଧ୍ୟ ଆପଣାଉଛନ୍ତି । କେବଳ ସହରାଞ୍ଚଳ ନୁହେଁ ଗ୍ରାମାଞ୍ଚଳରେ ମଧ୍ୟ ଖାଦ୍ୟ ନଷ୍ଟ ଚାଲିଛି । ସମସ୍ତେ ଖାଦ୍ୟ ନଷ୍ଟ କଲାବେଳେ ଭୁଲିଯାଇଥାନ୍ତି ଯେ, ସେମାନେ ଯେଉଁ ସମାଜରେ ଚଳୁଛନ୍ତି ସେହି ସମାଜରେ ସେମାନଙ୍କ ଆଖପାଖରେ ଅନେକ ଭୋକିଲା ଦିନକ ଭିତରେ ମୁଠାଏ ଭାତ ଖାଇବା ପାଇଁ ଭାଗ୍ୟ ପାଉନାହାଁନ୍ତି । ଗୋଟିଏ ପକେଟ ବିସ୍କୁଟ ତ' ବହୁ ଦୂରର କଥା । ଏହି ପ୍ରସଙ୍ଗରେ ମନେପଡୁଛି କିଛିବର୍ଷ ତଳେ ବିଶ୍ୱପ୍ରସିଦ୍ଧ ଶ୍ରୀମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରସାଦ ମାରା ହୋଇଥିବା ଦର୍ଶାଇ କୋଇଲି ବୈକୁଣ୍ଠରେ କୁଢ଼ କୁଢ଼ ମହାପ୍ରସାଦ ପୋତି ନଷ୍ଟ କରିଦିଆଯାଇଥିଲା । ସେ ସମୟରେ ଓଡ଼ିଶାର ଜଣେ ପ୍ରଖ୍ୟାତ ସାମ୍ବାଦିକ କାର୍ଯ୍ୟ କରୁଥିବା ବହୁଳ ପ୍ରସାରିତ ଦୈନିକରେ ଗୋଟିଏ ଅତ୍ୟନ୍ତ ହୃଦୟସ୍ପର୍ଶୀ ଲେଖା ଲେଖିଥିଲେ, ଯାହାର ଶୀର୍ଷକ ଥିଲା 'ଭୋଗ ନ ହେଲା ଭାତ ତ' । ଏହି ମର୍ମସ୍ପର୍ଶୀ ଲେଖାରେ ସେ ମତ ଦେଇଥିଲେ ଯେ ଫୋପଡ଼ା ଯାଉଥିବା ଏହି ମହାପ୍ରସାଦ ହୁଏତ ଭୋଗ ନହୋଇପାରେ, ହେଲେ ଶ୍ରୀମନ୍ଦିର ବାହାରେ କ୍ଷୁଧାର୍ତ୍ତ ଭିକ୍ଷାର୍ଥୀମାନଙ୍କୁ ଭାତ ଭାବେ ବିଚାର କରାଯାଇ ବିତରଣରେ ଅସୁବିଧା କେଉଁଠି ? ନିତିଦିନିଆ ଜୀବନରେ ପ୍ରାୟତଃ ଅଧିକାଂଶ ଘରେ ଖାଦ୍ୟ ନଷ୍ଟ ଏକ ପରମ୍ପରା ପାଲଟିଗଲାଣି । ବରଂ ଖାଦ୍ୟ ଖାଉଥିବା ପତ୍ର ହେଉ ବା ବାସନଟି ଏହାକୁ ଭଲ ଭାବେ ସଫା କରି ଖାଉଥିବା ଲୋକମାନଙ୍କୁ ସମାଜରେ କେହି କେହି ବିଦ୍ରୁପ ମଧ୍ୟ କରିଥାନ୍ତି । ଶାସ୍ତ୍ର କହିଛି-'ଅନ୍ନଂ ବ୍ରହ୍ମ', ଅର୍ଥାତ୍ ଖାଦ୍ୟ ହେଉଛି ସ୍ୱୟଂ ଭଗବାନ, ଏହା ଭଗବାନଙ୍କ ଦ୍ୱାରା ପ୍ରଦତ୍ତ ଓ ଭଗବାନ ହିଁ ଏହାକୁ ଭୋଜ୍ୟ ଭାବରେ ଗ୍ରହଣ କରିଥାନ୍ତି । ଶାସ୍ତ୍ରରେ ଯେଉଁ ଶ୍ଳୋକଟି ରହିଛି ତାହା ହେଉଛି-'ବ୍ରହ୍ମାର୍ପଣଂ ବ୍ରହ୍ମହବିଃ ବ୍ରହ୍ମାଗ୍ନୌ ବ୍ରହ୍ମଣାହୁତମ୍, ବ୍ରହ୍ମୈବ ତେନ ଗନ୍ତବ୍ୟଂ ବ୍ରହ୍ମକର୍ମସମାଧିନା । ଅହଂ ବୈଶ୍ୱାନରୋ ଭୂତ୍ୱା ପ୍ରାଣିନାଂ ଦେହମାଶ୍ରିତଃ, ପ୍ରାଣାପାନସମାଯୁକ୍ତଃ ପଚାମ୍ୟନ୍ନଂ ଚତୁର୍ବିଧମ୍ ।' ଜନଜୀବନରେ ଅନ୍ନଦାନକୁ ଶ୍ରେଷ୍ଠଦାନ କୁହାଯାଏ । ବିଭିନ୍ନ ଦାନ ଭିତରେ ଏହାର ଶ୍ରେଷ୍ଠତା ବି ରହିଛି । ତେଣୁ ଏହି ପରିପ୍ରେକ୍ଷୀରେ ଦ୍ରୁତ ଗତିରେ ବଢୁଥିବା ବିଶ୍ୱର ଜନସଂଖ୍ୟା ମୁହଁରେ ଖାଦ୍ୟ ଦେବାକୁ ହେଲେ ନଷ୍ଟ ହୋଇଥିବାର ଖାଦ୍ୟର ପରିମାଣ କମ୍ କରିବାକୁ ପଡ଼ିବ । ଯାହାଦ୍ୱାରା ଦୁର୍ଲଭ ପ୍ରାକୃତିକ ସମ୍ବଳ ଉପରେ ଚାପ କମ୍ ପଡ଼ିବ । ତେଣୁ ଖାଦ୍ୟ ନଷ୍ଟଠାରୁ ସମସ୍ତେ ଦୂରେଇବା ନିହାତି ଜରୁରୀ ।

ଆଜିର ଅନୁଚିନ୍ତା

ଅମୃତର ଅନୁସନ୍ଧାନ କଲାବେଳେ ସାମୟିକ ଭାବେ ମୃତ୍ୟୁର ବିଭୀଷିକା ଦୃଶ୍ୟ ଦେଖିବାକୁ ପଡ଼େ ।

ଚକଡ଼ା ଚଡ଼କ

ଚାଷକ୍ଷେତରୁ ଚିଠି-୪୧

ଡି. ଶୁଭମ୍

କୃଷି ଓଡ଼ିଶାର ସଭ୍ୟତାର ମୂଳାଧାର । ଓଡ଼ିଶାର ୭୦ ଭାଗ ଲୋକ ମୁଖ୍ୟତଃ ଚାଷବାସ ଉପରେ ନିର୍ଭର କରନ୍ତି । ଓଡ଼ିଶାର ବିଭିନ୍ନ ଋତୁରେ ବିଭିନ୍ନ ଚାଷ କରାଯାଇଥିଲେ ହେଁ ଧାନ ମୁଖ୍ୟ ଚାଷ ଅଟେ । ମୁଖ୍ୟତଃ ଖରିଫ ଋତୁର ଆରମ୍ଭରେ ଧାନ ଚାଷ କରାଯାଇଥାଏ, ପରନ୍ତୁ ଧାନ ଚାଷର କେତେକ କ୍ଷତିକାରକ କୀଟ ଏହାର ଉତ୍ପାଦନରେ ହ୍ରାସ କରାଇଥାଏ । ବର୍ତ୍ତମାନ ସମୟରେ ଧାନ ଫସଲରେ ଚକଡା ପୋକ ଏକ ମୁଖ୍ୟ ଚିନ୍ତା ଭାବେ ଉଭା ହୋଇଛି । ଓଡ଼ିଶାର ବାଲେଶ୍ୱର, ଭଦ୍ରକ ନବରଙ୍ଗପୁର, ଗଜପତି ପ୍ରଭୃତି ଜିଲ୍ଲାରେ ଏହି କୀଟ ବହୁଳ ଭାବରେ ବିପ୍ରାତ କରିଚାଲିଛି । ଚାଷୀଭାଇଙ୍କ ମୁଣ୍ଡରେ ଏବେ ଚକଡା ଚଡ଼କ । ତେବେ ଆସନ୍ତୁ, ଚକଡା ପୋକ ସମ୍ବନ୍ଧରେ ଓ ତାହାର ପରିଚାଳନା ବିଷୟରେ ଜାଣିବା ।

ଚକଡା ପୋକ- ଧାନର ଏକ ପ୍ରମୁଖ ଉତ୍ପାଦନ ହ୍ରାସକାରୀ କୀଟ ଭାବେ ଚକଡା ପୋକ ବେଶ୍ ଜଣାଶୁଣା । କୃଷି ବିଜ୍ଞାନରେ ଏହାକୁ 'ବ୍ରାଉନ ପ୍ଲାଣ୍ଟ ହୋପର' ବୋଲି କୁହାଯାଏ । ତେବେ ଚକଡା ପୋକ ମୁଖ୍ୟତଃ ତିନୋଟି ସ୍ତର ଦେଇ ଗତି କରିଥାଏ-ଅଣ୍ଡା-ଅର୍ଭକ-ପୂର୍ଣ୍ଣାଙ୍ଗ କୀଟ । ପୂର୍ଣ୍ଣାଙ୍ଗ କୀଟ ଦେଖିବାକୁ ମାଟିଆ ରଙ୍ଗର । ସ୍ତ୍ରୀ କୀଟଟି ୫ ମି.ମି. ଲମ୍ବା ହୋଇଥିବା ବେଳେ ପୁରୁଷ କୀଟଟି ୪-୪.୫ ମି.ମି. ଭିତରେ ଲମ୍ବା ଥାଏ । ପତ୍ରର ମଝିଭାଗରେ ଅଣ୍ଡାଗୁଡିକ ଦେଖାଯାଏ (୨-୧୨) । ଅଣ୍ଡାଟି ଧଳା ଓ ବଙ୍କା ଆକୃତିର ହୋଇଥାଏ । ସମ୍ପୂର୍ଣ୍ଣ ଜୀବନଚକ୍ର ୧୮-୨୨ ଦିନ ଭିତରେ ଶେଷ ହୋଇଥାଏ ।

ଲକ୍ଷଣ- ଏହାର ପୂର୍ଣ୍ଣାଙ୍ଗ କୀଟଟି ଗଛର ତଳଭାଗର ରସକୁ ଶୋଷିଶୋଷି ଖାଇଯାଇ-ଥାଏ । ଖାଇବା ସମୟରେ ଏହା ଏକ ବିଷାକ୍ତ ପଦାର୍ଥ ନିର୍ଗତ କରିଥାଏ । ଯାହାଫଳରେ (ହୋପର ବର୍ନ) ଲକ୍ଷଣ ଦେଖାଯାଇଥାଏ । ପତ୍ରଗୁଡିକ ହଳଦିଆ ପଡିଯିବା ସହିତ ଗୋଲାକୃତି ଆକାରରେ ଗଛ ଶୁଖିଯାଏ । ଏହା ଯେଉଁ ଧାନଗଛକୁ ଆକ୍ରମଣ କରିଥାଏ, ତାହାର କାଣ୍ଡ ଭାଗ ଶୁଖିଯାଏ ଓ ଏହା ଭବିଷ୍ୟତରେ କୁଟା ହୋଇପାରେ ନାହିଁ ।

ସମାଧାନ- ଚକଡା କୀଟ ଆକ୍ରାନ୍ତ ଜମିରେ ଏକ କିସମକୁ ଦ୍ୱିତୀୟ ଥର ବ୍ୟବହାର କରନ୍ତୁ ନାହିଁ । ସହନଶୀଳ କିସମ ଯଥା: ଗୋଦାବରୀ, କ୍ରିଷ୍ଣାଭେନି, ଚୈତନ୍ୟ ପ୍ରଭୃତି ବ୍ୟବହାର କରିବା ଆବଶ୍ୟକ । ଧାନଜମିର ମଝିଭାଗରେ କନ୍ଦି କରନ୍ତୁ । ଏହାଦ୍ୱାରା ଉପଯୁକ୍ତ ସୂର୍ଯ୍ୟାଲୋକ ମିଳିପାରିବା ସହ ଆର୍ଦ୍ରତା ନିୟନ୍ତ୍ରଣ ହୋଇପାରିବ । ଜମିରୁ ଅନାବନା ଘାସ ଉପାଡିଦିଅନ୍ତୁ । ପୋକର ଗତିବିଧି ଲକ୍ଷ୍ୟ କରି କୀଟନାଶକ ବ୍ୟବହାର କରନ୍ତୁ । ଗଛର ତଳଭାଗକୁ କାର୍ବୋଫ୍ୟୁରାଣ ଦାନା ଏକରକୁ ୧୦ କି.ଗ୍ରା. ଏସିଫେଟ ଏକ ଲିଟର ପାଣିରେ ୧୫ କି.ଗ୍ରା. ମିଶାଇ ୩-୪ ଥର ସ୍ପ୍ରେ କରନ୍ତୁ ।

(ସମ୍ପାଦକ-ଶ୍ୟାମଳ ସୁବର୍ଣ୍ଣ, ବାସୁଦେବପୁର, ଭଦ୍ରକ, ମୋ-୯୪୩୮୪୬୭୦୭୯)

ରାଷ୍ଟ୍ରାୟତ୍ତ ସଂସ୍ଥାର ମିଶ୍ରଣ

ସୌମେନ୍ଦ୍ର ଜେନା

ବ୍ରିଟିଶକାଳୀନ ଭାରତରେ ଦେଶରେ ଥିବା ଭିନ୍ନ ଭିନ୍ନ ରାଜ୍ୟଗୁଡିକ ହାତରେ ଅନେକ ବ୍ୟାଙ୍କ ସବୁ ରହିଥିଲା । ଇନ୍ଦିରା ଗାନ୍ଧୀ ସରକାରକୁ ଆସିବାପରେ ସେଗୁଡିକର ଜାତୀୟକରଣ କରାଇ ସମାଜବାଦୀ ରାଷ୍ଟ୍ରର ଢାଞ୍ଚାକୁ ଗ୍ରହଣ କରିଥିଲେ । ଦେଶ ସବୁକିଛି କରିବାର ବିଚାରରୁ ଏହିସବୁ ସଂସ୍ଥାଗୁଡିକର ରାଷ୍ଟ୍ରାୟତ୍ତକରଣ ବା ଜାତୀୟକରଣ ହୋଇଥିଲା । ବଡ ସଂସ୍ଥାଗୁଡିକୁ ସରକାର ନିଜ ହାତକୁ ନେବା ସହ ସେଗୁଡିକର ପରିଚାଳନା ମଧ୍ୟ କେନ୍ଦ୍ରୀୟ ସ୍ତରରେ କରିଥିଲେ । ବରୋଦା, ମହାରାଷ୍ଟ୍ର, ବିକାନେର, ପଟିଆଲା, ମହୀଶୂର, ତ୍ରାଭାଙ୍କୋର ଆଦି ରାଜ୍ୟ ହାତରେ ଥିବା ବ୍ୟାଙ୍କଗୁଡିକୁ ସରକାର ନିଜହାତକୁ ନେଇଯାଇଥିଲେ । କିନ୍ତୁ ବ୍ୟାଙ୍କର ଜାତୀୟକରଣ ହେବାପରେ ଟ୍ରେଡୟୁନିୟନବାଦ ପାଇଁ କର୍ମଚାରୀମାନେ ଅଧିକ ରାଜନୀତିକ କାର୍ଯ୍ୟରେ ଲିପ୍ତ ରହିଲେ । ଏମାନେ ସିଧାସଳଖ ରାଜନୀତି ନକଲେ ମଧ୍ୟ କୌଣସି ନା କୌଣସି ରାଜନୀତିକ ଦଳର ସମର୍ଥକ ଗୋଷ୍ଠୀ ଭାବେ କାର୍ଯ୍ୟକରିବାକୁ ଲାଗିଲେ । ନେତାମାନେ ବ୍ୟାଙ୍କରେ କାର୍ଯ୍ୟ ନକରି ବୁଲିଲେ କିମ୍ବା ଅନୁପସ୍ଥିତ ରହିଲେ ମଧ୍ୟ ପରିଚାଳନାମଣ୍ଡଳୀ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଛାଇଲେ । ଏହି ନେତାମାନେ ସେମାନଙ୍କ ଦଳୀୟ କର୍ମୀମାନଙ୍କୁ ବ୍ୟାଙ୍କ ଋଣ ଦେବାକୁ ପ୍ରାଧାନ୍ୟ ଦେଲାବେଳେ ସାଧାରଣ ଲୋକେ ଏଥିରୁ ବଞ୍ଚିତ ହେଲେ । ଏହି କ୍ରମରେ ସମାଜରୁ ଦାରିଦ୍ର୍ୟ ହଟିବ ଏବଂ ବ୍ୟାଙ୍କଗୁଡିକର ଜାତୀୟକରଣ ହେଲାପରେ ଆର୍ଥିକ ସମସ୍ୟାର ସମାଧାନ ହେବ ବୋଲି ଯେଉଁ ଚିନ୍ତା ଥିଲା ତାହା ସଫଳ ହେଲାନାହିଁ । ଫଳରେ ଏସବୁ ସଂସ୍ଥା କ୍ଷତିରେ ଚାଲିବା ଯୋଗୁ ସଂସ୍ଥାଗୁଡିକୁ ବଞ୍ଚାଇ ରଖିବା ପାଇଁ ଏବେ ମିଶ୍ରଣ କରାଯାଉଛି ।

ଦେଶର ଦୁଇଟି ବୃହତ୍ ରାଷ୍ଟ୍ରାୟତ୍ତ ଟେଲିକମ୍ କମ୍ପାନୀ ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍ଏନ୍ଏଲ) ଏବଂ ମହାନଗର ଟେଲିଫୋନ୍ ନିଗମ ଲିମିଟେଡ୍ (ଏମଟିଏନ୍ଏଲ୍)ର ମିଶ୍ରଣ କରିବା ପାଇଁ କେନ୍ଦ୍ର ସରକାର ନିକଟରେ ନିଷ୍ପତ୍ତି ନେଇଛନ୍ତି । ଅକ୍ଟୋବର ୨୩ ତାରିଖରେ ଏହି ପ୍ରସ୍ତାବକୁ କ୍ୟାବିନେଟର ସ୍ୱୀକୃତି ମିଳିଛି । କ୍ଷତିରେ ଚାଲୁଥିବା ଏହି ଦୁଇଟି ବଡ ଉଦ୍ୟୋଗ ପାଇଁ ସରକାର ୬୮ ହଜାର କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି । ଆର୍ଥିକ ଚାପରେ ଥିବା ଏହି ଦୁଇଟି ଉଦ୍ୟୋଗର କର୍ମଚାରୀମାନଙ୍କ ଭବିଷ୍ୟତ ଆଶଙ୍କା ମଧ୍ୟରେ ରହିଥିଲା । ଏପରିକି କର୍ମଚାରୀମାନଙ୍କ ମାସିକ ବେତନ ଦେବାରେ ମଧ୍ୟ ଅସୁବିଧା ହୋଇଥିଲା । ଏକଦା ସାରାଦେଶକୁ ସଞ୍ଚାର ସେବା ଯୋଗାଇ ଆସିଥିବା ସରକାରଙ୍କ ଏହି ଉଦ୍ୟୋଗ ଦୁଇଟି ଗତ କିଛି ବର୍ଷ ହେବ ବେସରକାରୀ ଟେଲିକମ୍ କମ୍ପାନୀମାନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତାରେ ପଛରେ ପଡିଯାଇଥିଲେ । ସ୍ପେକଟ୍ରମ୍ ଅଭାବରୁ ଏହି ଦୁଇଟି କମ୍ପାନୀର କୋଟି କୋଟି ଗ୍ରାହକ ସମୟକ୍ରମେ ଜିଓ ଏବଂ ଏୟାରଟେଲ ପରି ଅନ୍ୟ ନେଟୱାର୍କ ସହ ଯୋଡିହେବାକୁ ବାଧ୍ୟ ହୋଇଥିଲେ । ଦେଶରେ ୪ଜି ସ୍ପେକଟ୍ରମ୍ ଆଣି ଜିଓ କମ୍ପାନୀ ମୋବାଇଲ ସେବା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିଥିଲାବେଳେ ବିଏସ୍ଏନଏଲ୍ ଏମ୍ଟିଏନଏଲ୍ ପରି କମ୍ପାନୀ ଥ୍ରୀଜିକୁ ଧରି ପଡିରହିଥିଲେ । ଏହି ଦୁଇ କମ୍ପାନୀ ଅନ୍ୟ କମ୍ପାନୀଙ୍କ ଭିତ୍ତିଭୂମି ଗଢିବାରେ ଯଥେଷ୍ଟ ସହାୟତା କରି ମଧ୍ୟ ଅର୍ଥାଭାବରୁ ନିଜ କମ୍ପାନୀର ବିକାଶ କରିପାରି ନ ଥିଲେ । ଏବେ ଦୁଇଟି ଉଦ୍ୟୋଗକୁ ସୁଦୃଢ କରିବାକୁ ସରକାର ଉଭୟ କମ୍ପାନୀର ମିଶ୍ରଣ କରି କର୍ମଚାରୀ ସଂଖ୍ୟାରେ ହ୍ରାସ ସହ ବଳକା ଜମିର ବିକ୍ରିବ୍ୟବସ୍ଥା କରି ପାଣ୍ଠି ସଂଗ୍ରହ କରିବାକୁ ନିଷ୍ପତ୍ତି ନେଇଛନ୍ତି । ବ୍ରଡବ୍ୟାଣ୍ଡ ସେବା ସହ ଗ୍ରାହକଙ୍କୁ ୪ଜି ସେବା ଯୋଗାଇଦେବା ଲାଗି ଏହି ଦୁଇଟି କମ୍ପାନୀକୁ ସରକାର ୨୦,୧୪୦କୋଟି ପାଣ୍ଠି ଆକାରରେ ଯୋଗାଇଦେବେ । ଏପରିକି ୪ଜି ସ୍ପେକଟ୍ରମ୍ ନେବାଲାଗି ଜିଏସ୍ଟି ଦେୟ ବାବଦ ୩୬୭୪ କୋଟି ଟଙ୍କା ମଧ୍ୟ କେନ୍ଦ୍ର ବଜେଟରୁ ଦେବାଲାଗି ସ୍ଥିର ହୋଇଛି । ଦୁଇ କମ୍ପାନୀର ଆର୍ଥିକ ସ୍ଥିତିକୁ ସୁଧାରିବା ଲାଗି କେନ୍ଦ୍ର ସରକାର ଦୀର୍ଘକାଳୀନ ବଣ୍ଡ ଜରିଆରେ ପ୍ରାୟ ୧୫୦୦୦ କୋଟି ଟଙ୍କାର ପାଣ୍ଠି ସଂଗ୍ରହ କରିବେ । ଏହି ବଣ୍ଡ ପାଇଁ କେନ୍ଦ୍ର ସରକାର ଗ୍ୟାରେଣ୍ଟି ଯୋଗାଇବେ । ଏହି ଅର୍ଥରେ କମ୍ପାନୀଗୁଡିକର ଋଣ ଅର୍ଥରେ ପରିଶୋଧ ହେବା ସହ ଅନ୍ୟାନ୍ୟ ଆବଶ୍ୟକତା ପୂରଣ କରାଯିବ । ତେବେ ଦୁଇଟିଯାକ କମ୍ପାନୀ ହାତରେ ଥିବା ପ୍ରାୟ ୩୮ହଜାର କୋଟି ଟଙ୍କାର ସଂପତ୍ତିର ମୂଲ୍ୟାୟନ କରାଯିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି ।

ସରକାରଙ୍କ ଯୋଜନାନୁସାରେ ଏହି ଦୁଇ କମ୍ପାନୀରେ କାର୍ଯ୍ୟରତ ୫୩ବର୍ଷରୁ ଅଧିକ ବୟସର କର୍ମଚାରୀମାନଙ୍କୁ ସ୍ୱେଚ୍ଛାକୃତ ଅବସର ଯୋଜନାର ସୁଯୋଗ ଦିଆଯିବ । ଆଗାମୀ ଦିନରେ ପାଇବାକୁ ଥିବା ଅର୍ଥର ୧୨୫ପ୍ରତିଶତ ଅର୍ଥ ନେଇ କର୍ମଚାରୀମାନେ ଚାକିରୀ ଛାଡିପାରିବେ । ଏଥିପାଇଁ ୧୭୧୬୯ କୋଟି ଟଙ୍କା ଆବଶ୍ୟକ । ତେବେ ସରକାର କେନ୍ଦ୍ର ବଜେଟରୁ ଏହି ଅର୍ଥ ଭରଣା କରିବାକୁ ନୀତିଗତ ନିଷ୍ପତ୍ତି ନେଇଛନ୍ତି । କର୍ମଚାରୀମାନଙ୍କୁ ସ୍ୱେଚ୍ଛାକୃତ ଅବସର ସୁଯୋଗ ଦେବାପାଇଁ ପେନସନ, ଗ୍ରାଚ୍ୟୁଇଟୀ ଏବଂ କମ୍ୟୁଟେସନ୍ ବାବଦକୁ ପ୍ରାୟ ୨୯ହଜାର ୯୩୭ କୋଟି ଟଙ୍କା ଦରକାର ହେବ, ଯାହା ସରକାର ବହନ କରିବାକୁ ଘୋଷଣା କରିଛନ୍ତି । ତେବେ ଋଣ ପରିଶୋଧ ଆଧୁନିକୀକରଣ, ନେଟୱାର୍କର ବ୍ୟାପକ ପ୍ରସାର, ପରିଚାଳନାଗତ ଖର୍ଚ୍ଚ ପାଇଁ ଆବଶ୍ୟକ ପଡୁଥିବା ଅର୍ଥକୁ କମ୍ପାନୀ ଦ୍ୱୟ ସେମାନଙ୍କ ହାତରେ ଥିବା ଜମିଗୁଡିକର ଉପଯୁକ୍ତ ବିନିଯୋଗ କରି ପାଣ୍ଠି ସଂଗ୍ରହ କରିବେ । ଏହାଦ୍ୱାରା ସରକାରଙ୍କ ଉଦ୍ୟମରେ ଏହି ଅର୍ଥ ସହାୟକ ହେବ । ଯଦି ଦେଖାଯାଏ ତେବେ ଦେଶର ଅନେକ ରାଜ୍ୟରେ ଏହି ଦୁଇଟି ଟେଲିକମ୍ କମ୍ପାନୀ ହାତରେ ଅନେକ ଭୂସଂପତ୍ତି ରହିଛି, ଯାହାର ଉପଯୋଗ ନହୋଇ ପଡିରହିଛି । ସେହି ଜମିର ବିକ୍ରି ଏବଂ ବ୍ୟବସାୟିକ ଉପଯୋଗ କରାଗଲେ କମ୍ପାନୀକୁ ଢେର ଅଧିକ ଅର୍ଥ ମିଳିପାରିବ । ଏକଥା ମଧ୍ୟ ସତ ଯେ ବେସରକାରୀ ଟେଲିକମ୍ କମ୍ପାନୀଗୁଡିକ ଦେଶର ବିଏସ୍ଏନ୍ଏଲ୍ ଏବଂ ଏମ୍ଟିଏନ୍ଏଲ୍‌ର କାନ୍ଧରେ ଛିଡା ହୋଇ ଆଜି ବଡ ହୋଇଛନ୍ତି । ଦେଶର କୋଣ ଅନୁକୋଣରେ ବିଏସ୍ଏନ୍ଏଲ୍ କମ୍ପାନୀର ନିଜସ୍ୱ କାର୍ଯ୍ୟାଳୟ ସେବା ଯୋଗାଇ ଦେବାଲାଗି ରହିଛି । କିନ୍ତୁ ଅତୀତରେ କେତେକ ଖଳପ୍ରକୃତିର କର୍ମଚାରୀମାନେ ଯୋଜନାବ

ନ୍ୟାୟ ପ୍ରଦାନକୁ ନେଇ ଭାରତର ରାଜ୍ୟମାନଙ୍କ ପ୍ରଥମ ରାଙ୍କିଙ୍ଗରେ ମହାରାଷ୍ଟ୍ରକୁ ଶୀର୍ଷ ସ୍ଥାନ

ନୂଆଦିଲ୍ଲୀ, ୭/୧୧: ନାଗରିକଙ୍କୁ ନ୍ୟାୟ ପ୍ରଦାନ କରିବାରେ ରାଜ୍ୟଗୁଡ଼ିକର ଦକ୍ଷତାକୁ ନେଇ ପ୍ରସ୍ତୁତ କରାଯାଇଥିବା ଭାରତର ପ୍ରଥମ ରାଙ୍କିଙ୍ଗ ପ୍ରକାଶ ପାଇଛି ଯେଉଁଥିରେ ମହାରାଷ୍ଟ୍ର ଶୀର୍ଷ ସ୍ଥାନରେ ରହିଛି। ଦେଶର ୧୮ଟି ବୃହତ ଏବଂ ମଧ୍ୟମ ଧରଣର ରାଜ୍ୟ (ଏକ କୋଟିରୁ ଅଧିକ ଜନସଂଖ୍ୟା ଥିବା ରାଜ୍ୟ)ଗୁଡ଼ିକ ମଧ୍ୟରେ ମହାରାଷ୍ଟ୍ର ଏକ ନମ୍ବରରେ ଥିବା ବେଳେ ଏହା ପଛକୁ କେରଳ, ତାମିଲନାଡୁ, ପଂଜାବ ଓ ହରିୟାଣାର ନାମ ରହିଛି। ଏକ କୋଟିରୁ କମ ଜନସଂଖ୍ୟା ବିଶିଷ୍ଟ ସାତଟି କ୍ଷୁଦ୍ର ରାଜ୍ୟକୁ ନେଇ ପ୍ରସ୍ତୁତ କରାଯାଇଥିବା ତାଲିକାରେ ଗୋଆ ଶୀର୍ଷ ସ୍ଥାନରେ ଥିବା ବେଳେ ଏହା ପଛକୁ ସିକିମ ଓ ହିମାଚଳ ପ୍ରଦେଶ ରହିଛନ୍ତି।

ଟାଟା ଟ୍ରଷ୍ଟସ ପକ୍ଷରୁ ସେଂଟର ଫର ସୋସିଆଲ ଜଷ୍ଟିସ, କମନ କଜ, କମନୱେଲଥ ହ୍ୟୁମାନ ରାଇଟସ ଇନିସିଏଟିଭ, ଦକ୍ଷ, ଟିଆଇଏସଏସ-ପ୍ରୟାସ ଏବଂ ବିଧି ସେଂଟର ଫର ଲିଗାଲ ପଲିସିର ମିଳିତ ସଂଯୋଗରେ ପ୍ରସ୍ତୁତ କରାଯାଇଥିବା ଇଣ୍ଡିଆ ଜଷ୍ଟିସ ରିପୋର୍ଟ (ଆଇଜେଆର) ୨୦୧୯ର ଏକ ଅଂଶ ହେଉଛି ଏହି ରାଙ୍କିଙ୍ଗ।

୧୮ ମାସର କଠୋର କ୍ୱାଂଟିଟେଟିଭ ରିସର୍ଚ ଜରିଆରେ ଇଣ୍ଡିଆ ଜଷ୍ଟିସ ରିପୋର୍ଟ ଏଭଳି କାର୍ଯ୍ୟକୁ ଏକତ୍ରୀତ କରିଛି ଯାହା କ୍ଷମତାଶୀନ ସରକାରୀ ଉତ୍ସରୁ ନ୍ୟାୟ ପ୍ରଦାନର ରିଟି ସ୍ତମ୍ଭ-ପୋଲିସ, ବିଚାର ବିଭାଗ, କାରାଗାର ଓ ଆଇନ ସହାୟତାରୁ ପରିସଂଖ୍ୟାନ ସଂଗ୍ରହ କରି ପ୍ରସ୍ତୁତ କରାଯାଇଛି। ନ୍ୟାୟ ପ୍ରଦାନ ଜରିଆରେ ନାଗରିକଙ୍କୁ ସନ୍ତୁଷ୍ଟ କରିବା ଲାଗି ଏହି ଚାରିଟି ସ୍ତମ୍ଭ ସେହାର୍ଦ୍ଦପୂର୍ଣ୍ଣ ଭାବେ କାର୍ଯ୍ୟ କରିବା ଦରକାର।

ପ୍ରତିଟି ସ୍ତମ୍ଭକୁ ବଜେଟ, ମାନବ ସମ୍ବଳ, କର୍ମଚାରୀଙ୍କ ଉପରେ କର୍ମ ଚାପ, ବିବିଧତା, ଭିତିଭୂମି ଏବଂ ପ୍ରଚଳିତ ଧାରା (ପାଂଚ ବର୍ଷ ଭିତରେ ଉନ୍ନତି ଆଣିବାର ଅଭିପ୍ରାୟ)ର ଦର୍ପଣରେ ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ନିଜସ୍ୱ ମାନକ ଓ ମାନଦଣ୍ଡ ସହ ଅନୁଶୀଳନ କରାଯାଇଥିଲା। ସେହି ଅନୁସାରେ ଏହି ରିପୋର୍ଟ ୨୯ଟି ରାଜ୍ୟ ଏବଂ ସାତଟି କେନ୍ଦ୍ର ଶାସିତ ଅଂଚଳ କିଭଳି ନିଜକୁ ଦକ୍ଷ କରିଛନ୍ତି ତାହା ଅନୁଶୀଳନ କରିଛି ଏବଂ ସେମାନଙ୍କ ମଧ୍ୟରୁ ପ୍ରତିଦ୍ୱନ୍ଦ୍ୱିତାର ଭାବ ଅନୁସାରେ ୧୮ଟି ବଡ଼ ଓ ମଧ୍ୟମ ଧରଣର ଏବଂ ଏଭଳିକି ସାତଟି କ୍ଷୁଦ୍ର ରାଜ୍ୟକୁ ରିପୋର୍ଟରେ ଅନୁଶୀଳନ କରାଯାଇଛି। ଏହା ପ୍ରତିଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ଦୃଢ଼ତା ଏବଂ ଦୁର୍ବଳତାକୁ ପ୍ରଦର୍ଶିତ କରିଛି ଯାହା ପ୍ରତ୍ୟକଙ୍କୁ ନିର୍ଦ୍ଦିଷ୍ଟ କ୍ଷେତ୍ର ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଲାଗି ସହାୟକ ହେବ।

ଏହି ରିପୋର୍ଟ ଯେତେବେଳେ ସର୍ବଭାରତୀୟ ହାରାହାରି ସ୍ତର ସହିତ ବିପରୀତ ବିରୋଧୀ ଫଳାଫଳକୁ ମଧ୍ୟ ପ୍ରକାଶ କରିଛି। ପୋଲିସ, କାରାଗାର ଏବଂ ବିଚାର ବିଭାଗରେ ଖାଲି ପଦବୀ ସମସ୍ୟା ସବୁ ଆଡ଼େ ରହିଥିବା ବେଳେ ମାତ୍ର ଅଧା ରାଜ୍ୟ ପାଂଚ ବର୍ଷ ଭିତରେ ଏହାକୁ କମ କରିବା ଲାଗି ଉଦ୍ୟମ କରିଛନ୍ତି। ଉଦାହରଣ ସ୍ୱରୂପ, ସାରା ଦେଶରେ ମୋଟ ଉପରେ ୧୮,୨୦୦ ବିଚାରପତି ରହିଥିବା ବେଳେ ୨୩% ମଂଜୁର ହୋଇଥିବା ପଦ ଖାଲି ପଡ଼ିଛି। ଏହି ସବୁ ସ୍ତମ୍ଭରେ ମହିଳାଙ୍କ ପ୍ରତିନିଧିତ୍ୱ ମଧ୍ୟ ଦୁର୍ବଳ ରହିଛି, ପୋଲିସରେ ମାତ୍ର ୭% ଅବଦାନ ରହିଛି। କାରାଗାର ୧୧୪% ହାରରେ ଅଧିକ ବନ୍ଦୀ ଥିବା ବେଳେ ୬୮% ହେଉଛନ୍ତି ଅଣ୍ଡର ଟ୍ରାଏଲ (ବିଚାର ବିଭାଗୀୟ ବନ୍ଦୀ) ଯେଉଁମାନେ ତଦନ୍ତ, ଅନୁସନ୍ଧାନ ଓ ବିଚାରକୁ ଅପେକ୍ଷା କରିଛନ୍ତି। ବଜେଟ କ୍ଷେତ୍ରରେ, କେନ୍ଦ୍ର ଦେଉଥିବା ପାଣ୍ଠିକୁ ଅଧିକାଂଶ ରାଜ୍ୟ ଖର୍ଚ କରିପାରୁନାହାନ୍ତି ଏବଂ ରାଜ୍ୟର ବ୍ୟୟରେ ହେଉଥିବା ବୃଦ୍ଧି ଅନୁସାରେ ପୋଲିସ, କାରାଗାର ଏବଂ ବିଚାର ବିଭାଗର ଖର୍ଚ ବୃଦ୍ଧି ପାଉନାହିଁ। କେତେକ ସ୍ତମ୍ଭ କମ ବଜେଟ ଯୋଗୁଁ ପ୍ରଭାବିତ ହୋଇଛି। ମାଗଣା ଆଇନ ସହାୟତାରେ ଭାରତର ମୁଣ୍ଡ ପିଛା ଖର୍ଚ-ଯେଉଁଥିପାଇଁ ୮୦% ଲୋକ ଯୋଗ୍ୟ-ଉଦାହରଣ ସ୍ୱରୂପ ତାହା ବାର୍ଷିକ ୭୫ ପଇସା ରହିଛି।

OFFICE OF THE NOTIFIED AREA COUNCIL, DASPALLA

Quotation Call Notice

E-mail:nacdaspalla@gmail.com

Name of the work : Supply of Sanitation Material to NAC, Daspalla

Cost of EMD : Rs.20,000/-

Tender Paper Cost : Rs.6,000/-

Sale of Tender Paper : At NAC Office, Daspalla from Dt.08.11.2019 to 18.11.2019

Last Date & Time of Submission of Tender Paper : Dt.19.11.19 up to 2.00 P.M at Specified Tender Box placed at NAC Office, Daspalla.

Date & Time of opening : Dt.19.11.2019 at 4.00 PM in NAC Office

Sd/-
Executive Officer
NAC, Daspalla

ପିପୁଲ ବିଜନେସ୍‌ର ଗ୍ରେଟ୍ ମ୍ୟାନେଜର୍ସ ଆୱାର୍ଡସ୍ ୨୦୧୯ରେ ବେଦାନ୍ତ ପ୍ରବନ୍ଧକମାନଙ୍କ ବିପୁଳ ବିଜୟ

ଭୁବନେଶ୍ୱର(ପିଏନ): ପିପୁଲ୍ ବିଜନେସ୍ ପକ୍ଷରୁ ବେଦାନ୍ତର ୧୩ ଜଣ ପ୍ରବନ୍ଧକଙ୍କୁ ଗ୍ରେଟ୍ ମ୍ୟାନେଜର୍ସ ଆୱାର୍ଡ ୨୦୧୯ ପ୍ରଦାନ କରାଯାଇଛି। ଏହି ପୁରସ୍କାରରେ ଶ୍ରେଷ୍ଠ ୨୦ କଂପାନି ତାଲିକାରେ ବେଦାନ୍ତର ଅନ୍ୟ ଦୁଇ ସହଯୋଗୀ କଂପାନି କେର୍ଣ୍ଣ ଅଏଲ୍ ଆଣ୍ଡ୍ ଗ୍ୟାସ୍ ଓ ବାଲ୍‌କୋକୁ ସ୍ଥାନ ମିଳିଛି।ଏହି ପୁରସ୍କାରରେ ସାରା ଭାରତର ବହୁଦେଶୀୟ କଂପାନିଗୁଡ଼ିକର ପାଖାପାଖି ୩୦୦୦ ଉଚ୍ଚ ଦକ୍ଷତା ଥିବା ପ୍ରବନ୍ଧକ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୫୦ ଜଣ ସମ୍ମାନଜନକ ଗ୍ରେଟ୍ ମ୍ୟାନେଜର୍ସ ତାଲିକାରେ ସାମିଲ ହୋଇପାରିଥିଲେ। ଆର୍-ଓପିଟିଆଇ ମଡେଲ୍ ଆଧାରରେ ବିଭିନ୍ନ ମାନଦଣ୍ଡକୁ ନେଇ ମନୋନୀତ ହୋଇଥିବା ପ୍ରବନ୍ଧକମାନଙ୍କ ଦକ୍ଷତାର ଅନୁଶୀଳନ କରାଯାଇଥିଲା। ଶିଳ୍ପ ବିଶେଷଜ୍ଞମାନେ

ସେମାନଙ୍କ ସାକ୍ଷାତକାର ମଧ୍ୟ ନେଇଥିଲେ।ଏହି ସଫଳତା ବିଷୟରେ ଶ୍ରୀମତୀ ମଧୁ ଶ୍ରୀବାସ୍ତବ, ଗ୍ରୁପ୍ ସିଏଚ୍‌ଆର୍‌ଓ, ବେଦାନ୍ତ କହିଛନ୍ତି ଯେ, "ଏହି ସମ୍ମାନଜନକ ପୁରସ୍କାର ବିତରଣ ସମାରୋହରେ ଶ୍ରେଷ୍ଠ ମ୍ୟାନେଜରଙ୍କ ଅନୁସନ୍ଧାନ ତାଲିକାରେ ଆମର ପ୍ରବନ୍ଧକମାନଙ୍କୁ ଚୟନ କରାଯାଇଥିବାରୁ ଆମେ ବହୁତ ଖୁସି। ଶ୍ରେଷ୍ଠ ୨୦ କଂପାନି ତାଲିକାରେ ସ୍ଥାନ ପାଇଥିବାରୁ ବାଲ୍‌କୋ ଓ କେର୍ଣ୍ଣକୁ ମଧ୍ୟ ଅଭିନନ୍ଦନ। ଆମେ ବେଦାନ୍ତର ଏଭଳି ଏକ ସଂସ୍କୃତି ବିକଶିତ କରିବା ଉପରେ ବିଶ୍ୱାସ କରୁ ଯାହା ନୂତନତ୍ୱ, ପରିକଳ୍ପନା ଏବଂ ବିବିଧତାକୁ ସମୃଦ୍ଧ କରୁଛି। କଂପାନିର ବିଭିନ୍ନ ପ୍ରକାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଓ ଅଭିଯାନ ରହିଛି ଯେଉଁଥିରେ ବେଦାନ୍ତର କର୍ମଚାରୀମାନଙ୍କୁ ବିକଶିତ କରିବା ଉପରେ ଗୁରୁତ୍ୱାରୋପ କରାଯାଉଥିବା ବେଳେ ଆମ କର୍ମଚାରୀମାନଙ୍କୁ ଉଭୟ ବ୍ୟକ୍ତିଗତ ଓ ବୃତିଗତ ସ୍ତର ଆଗକୁ ବଢ଼ିବାରେ ସହାୟକ ହେଉଛି।''

ଗ୍ରେଟ ମ୍ୟାନେଜର୍ସ ୨୦୧୯ ପୁରସ୍କାର ପାଇଥିବା ପ୍ରବନ୍ଧକମାନେ ହେଉଛନ୍ତି ପ୍ରବୀଣ ପୁରୋହିତ, ବିଜୟ ଇନଗୋଲ, ସୁଜିତ କିସପୋଟା, ଜ୍ଞାନେଶ୍ୱର ଦାଶ, ରିତୁବ୍ରତ ରାୟ, ରୋହିତ ସୋନି, ବିନୋଦ କୁମାର, ମୁଥିର ଖାରୁସି, ହିତେଶ ବୈଦ ଓ ରାଜେଶ ମୋହାତା। ପୁରସ୍କାର ପାଇଥିବା ମହିଳା ପ୍ରବନ୍ଧକମାନେ ହେଉଛନ୍ତି ଏ ସୁମଥି, ମାନସି ଚୌହ୍ୱାନ ଓ କବିତା ସିଂହ। ଏହି ସମସ୍ତ ପ୍ରବନ୍ଧକମାନେ ବ୍ୟକ୍ତିଗତ ବିଶ୍ୱାସ, ଲୋକଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବା, ମହିଳା ନେତୃତ୍ୱ, ବରିଷ୍ଠ ନେତୃତ୍ୱ ଏବଂ ସଫଳତା କୈନ୍ଦ୍ରିକ ଆଦି ବିଭିନ୍ନ ବର୍ଗରେ ପୁରସ୍କାର ହାସଲ କରିଛନ୍ତି।

ଇ ସିଗାରେଟ୍ ପ୍ରତିବନ୍ଧ ସମ୍ବନ୍ଧରେ ଓଡିଶା ମୁଖ୍ୟମନ୍ତ୍ରୀଙ୍କ ଟ୍ରେଡ୍ ଆସୋସିଏସନ୍ ପକ୍ଷରୁ ଅପିଲ

ଭୁବନେଶ୍ୱର: ସଂପ୍ରତି କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏକ ଅଧ୍ୟାଦେଶ ଫଳରେ ଭାରତରେ ଇ ସିଗାରେଟ୍‌କୁ ପ୍ରତିବନ୍ଧ କରିଛନ୍ତି। ଏହି ସଂକ୍ରାନ୍ତରେ ଇଲେକଟ୍ରୋନିକ୍ ନିକୋଟିନ୍ ଡେଲିଭରି ରିପ୍ରେଜେନ୍ଟେଟିଭ୍ ମାନଙ୍କର ଭଲ୍ୟୁମ୍ବାରୀ ଆସୋସିଏସନ୍ ଟ୍ରେଣ୍ଡସ୍ ପକ୍ଷରୁ ଓଡିଶାର ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି ଯେ ଏ ସଂକ୍ରାନ୍ତରେ ରାଜ୍ୟର ଜନସାଧାରଣଙ୍କ ଇଚ୍ଛାକୁ ଲକ୍ଷ୍ୟରେ ରଖି ଉଚିତ୍ ପଦକ୍ଷେପ ନେବେ। ଟ୍ରେଣ୍ଡସ୍ ଦେଶରେ ସିଗାରେଟ ଡିଭାଇସ୍‌ର ଆମଦାନୀ, ବିତରିକରଣ ଓ ବଜାରୀକରଣର ସଂସ୍ଥାମାନଙ୍କୁ ପ୍ରତିନିଧିତ୍ୱ କରେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଲେଖିଥିବା ଚିଠିରେ ଟ୍ରେଣ୍ଡସ ଜଣାଇଛି ଯେ କେନ୍ଦ୍ର ସରକାର କୌଣସି ପ୍ରକାର ଗବେଷଣା ନକରି ଓ ଏହି ଅନ୍ୟାନ୍ୟ ତମାଖୁ ଜାତୀୟ ନିଶାର ଭୟାଭୟତା ସମ୍ବନ୍ଧରେ ଆକଳନ କରି ଏହି ପ୍ରତିବନ୍ଧର ନିଷ୍ପତି ଦେଇଛନ୍ତି। ସରକାର ଇ ସିଗାରେଟ୍‌ର ପ୍ରତିବନ୍ଧର ଅର୍ଡାନାନସ୍ ନିମନ୍ତେ ଆମେରିକାର ତଥ୍ୟ ଉପରେ ନିର୍ଭର କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କୁ କରାଯାଇଥିବା ଏହି ଅପିଲ ମାଧ୍ୟମରେ ଟ୍ରେଣ୍ଡସ୍‌ର କନଭେନର ପ୍ରବୀନ୍ ରିକି କହିଛନ୍ତି ଯେ, ରାଜ୍ୟର ମୁଖ୍ୟ ହିସାବରେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ସହ ପରାମର୍ଶ କରି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ନିଜସ୍ୱ ରିସର୍ଚ୍ଚ କରିବା ନିମନ୍ତେ ନିଷ୍ପତି ନିଅନ୍ତୁ ଯାହା ଫଳରେ ରାଜ୍ୟର ଅଧିକରୁ ଅଧିକ ଜନସାଧାରଣ ଉପକୃତ ହୋଇପାରିବେ। ପ୍ରବୀନ୍ ରିକି ଆହୁରି ମଧ୍ୟ କହିଛନ୍ତି ଯେ, ସ୍ୱାସ୍ଥ୍ୟ ହେଉଛି ରାଜ୍ୟ ସରକାରଙ୍କ ଅଧିନସ୍ଥ ବିଷୟ ଏବଂ ତମାଖୁ ଜନିତ ରୋଗର ଚିକିତ୍ସା ନିମନ୍ତେ ରାଜ୍ୟ ସରକାର ଅନେକ ଖର୍ଚ୍ଚାନ୍ତ ହୁଅନ୍ତି। ଏପରି କ୍ଷେତ୍ରରେ ସିଗାରେଟ୍ ପାନ ବଦଳରେ ଲୋକମାନେ ଇ ସିଗାରେଟ୍ ବ୍ୟବହାର କରିପାରିବେ। ଯାହାଫଳରେ ଲୋକମାନେ କ୍ୟାନସର ରୋଗୀଙ୍କ ସଂଖ୍ୟା ୫୦% କମିଯାଇପାରିବ।

ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ପାଇବେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର

ବାଲେଶ୍ୱର,(ପିଏନ): ବୟସର ଅପରାହ୍ନରେ ପାଦ ଦେଇଥିବା ଏହି ନାଟ୍ୟକାର ଜଣକ ଅଦ୍ୟାବଧି ୧୫୦ରୁ ଉର୍ଦ୍ଧ୍ୱ ନାଟକ ଲେଖି ସାରିଛନ୍ତି। ତାଙ୍କ ରଚିତ ନାଟକ ସବୁଠି ବେଶ୍ ଉଚ୍ଚ ପ୍ରଶଂସା ଲାଭ କରିଛି। ମାତ୍ର ୧୮ ବର୍ଷରୁ ଶ୍ରୀ ମହାପାତ୍ର ନାଟକ ଲେଖିବା ଆରମ୍ଭ କରିଥିଲେ। 'ପ୍ରିୟା ନାମ ପିଶାଚୀ' ଥିଲା ତାଙ୍କର ପ୍ରଥମ ନାଟକ। ୧୯୭୧ ସେପ୍ଟେମ୍ବର ୮ ଓ ୯ ତାରିଖରେ ଏହି ନାଟକ ସୁନହଟ ମଞ୍ଚରେ ମଞ୍ଚସ୍ଥ ହୋଇଥିଲା। ସେତେବେଳେ ଏହା ଅନେକ ପ୍ରଶଂସା ସାଉଁଟିଥିଲା। ଏହାପରେ ଶ୍ରୀ ମହାପାତ୍ର ଆଉ ପଛକୁ ଫେରି ଚାହିଁ ନାହାଁନ୍ତି। ୧୯୭୫ରେ ତାଙ୍କ ଲିଖିତ ନାଟକ 'ଯୋଡି ମହୁରି' ପୁସ୍ତକ ଆକାରରେ ପ୍ରକାଶିତ ହୋଇଥିଲା। ଏହି ନାଟକ ସେତେବେଳେ ତମାମ ରାଜ୍ୟରେ ଚହଳ ପକାଇଥିଲା। ପରେ ୧୯୮୩ରେ ପ୍ରକାଶ ପାଇଥିଲା ତାଙ୍କର ଅନ୍ୟତମ ଚର୍ଚ୍ଚିତ ନାଟକ 'ଅଥବା ଅଥର୍ବ' ଏହା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରରେ ପ୍ରଦର୍ଶିତ ହୋଇଥିଲା। ଏହାକୁ ମଧ୍ୟ ବହୁ ପ୍ରଶଂସା ମିଳିଥିଲା। ପରେ ସେ ଦେଖାଇ ନେତ୍ର ଯାହା, ଯୁଗ ଚରିତ୍ର ବୃତ୍ତାନ୍ତ, ଅଧିକାର, ଝରା ଶେଫାଳି, ଭିନ୍ନ ଏକ ଗନ୍ଧର୍ବ, ଆଶା ଭଳି ନାଟକ ରଚନା କରିଥିଲେ। ଯୁଗ ଚରିତ୍ର ବୃତ୍ତାନ୍ତ ନାଟକକୁ

୨୦୦୨ରେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା। କେବଳ ଏତିକି ନୁହେଁ, ଏହି ନାଟକଟି ମଧ୍ୟ ଫକୀର ମୋହନ ବିଶ୍ୱବିଦ୍ୟାଳୟର ସିଲାବସ୍‌ରେ ସ୍ଥାନ ପାଇଛି। ଫକୀର ମୋହନଙ୍କ ଉପରେ ଶ୍ରୀ ମହାପାତ୍ରଙ୍କ ରଚିତ ନାଟକ ଯମ ଦରବାର, କୁରାଡି, ନଟ ନାଟକ ନଟବର (ହାସ୍ୟ) ରେଡିଓରେ ପ୍ରସାରଣ ହୋଇ ପ୍ରଶଂସିତ ହୋଇଥିଲା। ସେହିଭଳି ଦୂରଦର୍ଶନରେ ଆଶା, ଇତିଶ୍ରୀ, କୁମ୍ଭକର୍ଣ୍ଣ ଉବାଚ, ସୁଭଦ୍ରା, ମାଙ୍କଡ, ସାମ୍ବାରେ ଜଗନ୍ନାଥ, ପରିଚୟ, ଅନ୍ୱେଷଣ ଭଳି ନାଟକ ପ୍ରସାରଣ ହୋଇଥିଲା। ମନୋଜ ଦାସଙ୍କ ବୟସ୍ୟ, ଫକୀର ମୋହନଙ୍କ କିଣା ଭଣ୍ଡାରି, ପେଟେନ୍ ମେଡିଶିନ୍, କୁନ୍ତଳା କୁମାରୀ ସାବତଙ୍କ କାଳି ବୋହୂ, ରାଧାନାଥଙ୍କ ଉଷା, ବ୍ରଜନାଥ ରଥଙ୍କ 'ସ୍ୱାଧୀନତା ପଚାରନା'କୁ ନାଟ୍ୟ ରୂପାନ୍ତର ମଧ୍ୟ କରିଥିଲେ। ଏହା ବ୍ୟତୀତ ରାଜ୍ୟର ପ୍ରଥମ ନାଟ୍ୟକାର ଭାବେ ଫକୀର ମୋହନଙ୍କୁ ଜଣାଶୁଣା ପୁସ୍ତକ ମୁଁ ବାଟ ବାହୁଡା କବିତା ପୁସ୍ତକକୁ ସେ ନାଟ୍ୟ ରୂପାନ୍ତର କରିଥିଲେ। ଏହା ବ୍ୟତୀତ ପ୍ରଦୀପ ଦାସଙ୍କ ଚଳଚ୍ଚିତ୍ର 'ମୀମାଂସା'ର ସ୍କ୍ରିନ୍ ପ୍ଲେ ମଧ୍ୟ କରିଥିଲେ। ସେ ବହୁ ଟେଲି ଫିଲ୍ମ ପାଇଁ ସ୍କ୍ରିପ୍ଟ ଲେଖିଛନ୍ତି। ଶିଶୁ ନାଟ୍ୟକାର ଭାବେ ଶ୍ରୀ ମହାପାତ୍ର ବେଶ୍ ପରିଚିତ। ଅଭିଶାପ, ସାପ ମୋଚନ ନାଟକକୁ ବେଶ ପ୍ରଶଂସା ମିଳିଥିଲା। ତାଙ୍କ ରଚିତ ନାଟକ ନୂଆ ସକାଳର ସୂର୍ଯ୍ୟକୁ ଶତାବ୍ଦିର କଳାକାର ଦ୍ୱାରା ଶ୍ରେଷ୍ଠ ପ୍ରଯୋଜକ, ଶ୍ରେଷ୍ଠ ନିର୍ଦ୍ଦେଶ ପୁରସ୍କାରରେ ପୁରସ୍କୃତ ହୋଇଥିଲେ। ନିଜର ଏଭଳି କାମ ପାଇଁ ବହୁ ସଙ୍ଗଠନ ପକ୍ଷରୁ ସେ ସମ୍ମାନୀତ ହୋଇଛନ୍ତି। ପେଶାରେ ଶିକ୍ଷକତା କରୁଥିବା ଶ୍ରୀ ମହାପାତ୍ର ୨୦୧୦ରେ ଚାକିରିରୁ ଅବସର ନେଇଛନ୍ତି। ସେବେଠାରୁ ସେ ନାଟକ ଲେଖିବାରେ ନିଜକୁ ନିମଜ୍ଜିତ କରିଛନ୍ତି। ଏହି ନାଟ୍ୟକାର ଜଣକ ନାଟକ ଉପରେ ଗବେଷଣାଗାର ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ମାଟିର ପୁଅ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ଚଳିତ ବର୍ଷ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିପାଇଁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

ହିରୋ ମୋଟୋକର୍ପ ଇଆଇସିଏମଏ ୨୦୧୯ରେ ଏକ୍ସଟ୍ରିମ୍ ୧. ଆର ଧାରଣାର ଉନ୍ମୋଚନ

ଭୁବନେଶ୍ୱର-ହିରୋ ମୋଟୋକର୍ପ ଲିମିଟେଡ, ବିଶ୍ୱର ବୃହତମ ମଟରସାଇକେଲ ଏବଂ ସ୍କୁଟର ବିନିର୍ମାତା ଆଜି ମିଲେନରେ ଇଆଇସିଏମଏ ୨୦୧୯ରେ ଏହାର ପ୍ରିମିୟମ ମଟରସାଇକେଲ ରେଂଜର ଭବିଷ୍ୟତ ଝଲକ ପ୍ରଦର୍ଶିତ କରିଛନ୍ତି। ନୂଆଦିଲ୍ଲୀ ରେ (ଭାରତ) ମୁଖ୍ୟ କାର୍ଯ୍ୟାଳୟ ଥିବା କମ୍ପାନୀ ମଟର ପ୍ରଦର୍ଶନର ୨୦୧୭ ଏବଂ ୨୦୧୮ ସଂସ୍କରଣରେ ଯଥାକ୍ରମେ ଏକ୍ସପଲ୍ସ ୨୦୦ ଏବଂ ଏକ୍ସପଲ୍ସ ୨୦୦ଟି ଧାରଣାର ପ୍ରଦର୍ଶନ କରିଥିବା ଭଳି ଏହି ବର୍ଷ ଇଆଇସିଏମଏ ରେ ଏକ୍ସଟ୍ରିମ୍ ୧. ଆର ଧାରଣାର ପ୍ରଦର୍ଶନ କରିଥିଲା। ହିରୋ ମୋଟୋକର୍ପ-ଏସିଆ, ଆଫ୍ରିକା ଏବଂ ଦକ୍ଷିଣ ଓ କେନ୍ଦ୍ର ଆମେରିକାର ପ୍ରାୟ ୪୦ ଟି ଦେଶରେ ଏହାର ବୈଶ୍ୱିକ ପଦ ଚିହ୍ନ କ୍ଷିପ୍ର ଗତିରେ ପ୍ରସାରିତ କରିଛି- ଏହାର ଡକାର ରାଲି ଅନୁଭୂତିର ଶିକ୍ଷଣ ଏକୀକୃତ କରି ପ୍ରଶଂସନୀୟ ସାହାସିକ ମଟରସାଇକେଲ ଏକ୍ସପଲ୍ସ ୨୦୦ ପାଇଁ ବିଶେଷ ଭାବେ ବିକଶିତ କରିଥିବା ଏକ ରାଲି-କିଟ ମଧ୍ୟ ଅନାବରଣ କରିଥିଲେ। ଏକ ତୀରର ସଠିକତାରୁ ଏକ୍ସଟ୍ରିମ୍ ୧. ଆର ପାଇଁ ପ୍ରେରଣା ନିଆଯାଇଛି – ଏକ ଆକ୍ରାମକ ରୂପ ପାଇଁ ଏହା ଆମ୍-ସନ୍ତୋଷ ଲାଭ କରିଛି। କ୍ଷିପ୍ର ଏବଂ ଉତରଦାୟୀ ସମ୍ବାଳିବା ସୁନିଶ୍ଚିତ କରି – ସୂଚୀଅଗ୍ର ସଠିକତା ସହିତ କୋଣରେ ବୁଲିଥାଏ – ଏହା ସହରୀ ରାସ୍ତା ଉପରେ ହୋଇପାରେ କିମ୍ବା କ୍ଷିପ୍ର କୋଣ ସହିତ ବୁଝାମଣା କଲାବେଳେ ହୋଇପାରେ। ଆସନ୍ତା କାଲିର ଯୁବକଙ୍କ ପାଇଁ ଉଦ୍ଦିଷ୍ଟ, ଏକ୍ସଟ୍ରିମ୍ ବ୍ରାଣ୍ଡର ପରବର୍ତୀ ପିଢୀ ପାଇଁ ଏକ୍ସଟ୍ରିମ୍ ୧. ଆର ଏକ ଗୁପ୍ତ ଝଲକ ପ୍ରଦାନ କରିଥାଏ। ବିନା ସବାରରେ ୧୪୦କେଜିରୁ କମ ଓଜନ ଥିବା ଏହି ଯାନ ପ୍ରତ୍ୟେକ ଯାତ୍ରା ନିୟୋଜିତ ଏବଂ ସଂମ୍ପୂର୍ଣ୍ଣ ମଜାଦାର କରିଥାଏ। ଅକ୍ଷମଣୀୟ ଡିଜାଇନ, ଏଲ୍‌ଇଡି ହେଡ ଲ୍ୟାମ୍ପ, ହସ୍ତାକ୍ଷର ପଛ- ଲ୍ୟାମ୍ପର ସଂଯୋଜନା ପ୍ରତ୍ୟେକଙ୍କ ଭିତରର ରେସରକୁ ଆକୃଷ୍ଟ କରିବା ନିଶ୍ଚିତ ଅଟେ।

ଏଗନ୍ ଲାଇଫ୍ ପକ୍ଷରୁ ସୁରକ୍ଷା ଏବଂ ମାସିକ ଆୟର ସୁବିଧା ଥିବା ପ୍ରଥମ ଧରଣର ଟର୍ମ ପ୍ଲାନ୍ ଉନ୍ମୋଚିତ

ଭୁବନେଶ୍ୱର: ଏଗନ ଲାଇଫ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ ଏହାର ପ୍ରମୁଖ ଏବଂ ସବୁଠୁ ଲୋକପ୍ରିୟ 'ଆଇଟର୍ମ' ବୀମା ଯୋଜନାର ସ୍ୱତନ୍ତ୍ର ଅଭିନବ ଭର୍ସନକୁ ଉନ୍ମୋଚନ କରାଯାଇଛି ଯେଉଁଥିରେ ବହୁତ ସ୍ୱତନ୍ତ୍ର ସୁବିଧା ରହିଛି।ନୂଆ ଏଗନ୍ ଲାଇଫ୍ ଆଇଟର୍ମ

ମୋ ଓଡ଼ିଶା

ରାଧା ଦାମୋଦର ବେଶ

ପ୍ରତିବର୍ଷ ଶ୍ରୀଜଗନ୍ନାଥ ମନ୍ଦିରରେ ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ଦୀର୍ଘ ଏକମାସ ପ୍ରତ୍ୟହ ଶ୍ରୀଜୀଉମାନଙ୍କର ପବିତ୍ର 'ରାଧା ଦାମୋଦର' ବେଶ ଅନୁଷ୍ଠିତ ହୋଇଥାଏ। ଉତ୍କଳୀୟମାନଙ୍କ ପାଇଁ କାର୍ତ୍ତିକ ମାସ ସର୍ବଶ୍ରେଷ୍ଠ ମାସ। ପଦ୍ମପୁରାଣର ବର୍ଣ୍ଣନା ଅନୁଯାୟୀ କାର୍ତ୍ତିକ ମାସରେ ବିଷ୍ଣୁ ହେଉଛନ୍ତି ଦାମୋଦର। ସ୍କନ୍ଦପୁରାଣରେ ଏହି ମାସକୁ ପୁଣ୍ୟ ମାସ ଭାବରେ ବର୍ଣ୍ଣନା କରାଯାଇଛି। ରାଧାଙ୍କ ସହ ମାଧବଙ୍କ ଉପାସନା ଅଥବା ବିଷ୍ଣୁଙ୍କ ଅବତାର ଶ୍ରୀକୃଷ୍ଣଙ୍କ ସହିତ ଉପାସନା ସର୍ବତ୍ର ଆଦୃତ ଅଟେ। ରାଧାଙ୍କ ନାମ ସଙ୍ଗେ ଦାମୋଦରଙ୍କ ଉପାସନା ଉତ୍କଳର ପୁରୁଷୋତ୍ତମ କ୍ଷେତ୍ରରେ ବିଶେଷ ଭାବେ ପ୍ରଚଳିତ। ରାଧା ଦାମୋଦର ଉପାସନାର ଉପଯୁକ୍ତ ସମୟ ରୂପେ ଭକ୍ତଜନମାନେ କାର୍ତ୍ତିକ ମାସକୁ ଗ୍ରହଣ କରିଥା'ନ୍ତି। ପୌରାଣିକ ବର୍ଣ୍ଣନାନୁଯାୟୀ ଅକ୍ରୁର ମଥୁରାକୁ ଯିବା ସମୟରେ ଯମୁନା ନଦୀରେ ସ୍ନାନ କରୁଥିବାବେଳେ ଜଳ ମଧ୍ୟରେ ଏହି 'ରାଧା ଦାମୋଦର' ବେଶ ଦର୍ଶନ କରିଥିଲେ। ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀରୁ ଏହି ବେଶର ପ୍ରଚଳନ ହୋଇଥିଲା ବୋଲି 'ଶ୍ରୀଜଗନ୍ନାଥଙ୍କ ବେଶ ରହସ୍ୟ' ପୁସ୍ତକରେ ଉଲ୍ଲେଖ ରହିଛି। ଏହି ସମୟରେ ରାଧା ଜୟଦେବଙ୍କ ରଚିତ 'ଗୀତଗୋବିନ୍ଦ'ର ନାୟିକା ଭାବରେ ଭାରତବର୍ଷରେ ବିଖ୍ୟାତ ହୋଇଛନ୍ତି। ଜୟଦେବ, ବଙ୍ଗଳାର ଚଣ୍ଡୀ ଦାସ, ମିଥିଳାର ବିଦ୍ୟାପତି ପ୍ରମୁଖ ବିଶିଷ୍ଟ ଲେଖକଙ୍କ ଗୀତରେ ରାସେଶ୍ୱରୀ ରାଧା ପ୍ରଚାରିତ ଓ ପ୍ରସାରିତ ହୋଇଥିଲେ। କିନ୍ତୁ 'ରାଧା ଦାମୋଦର ବେଶ'ର ପ୍ରଚଳନ ଦ୍ୱାଦଶ ଶତାବ୍ଦୀରୁ ଆରମ୍ଭ ହୋଇଥିବାର କୌଣସି ପ୍ରାମାଣିକ ତଥ୍ୟ ମିଳୁନାହିଁ। ତତ୍‌ପରବର୍ତ୍ତୀ ସମୟର ବିଷ୍ଣୁ ସ୍ୱାମୀ, ନିମ୍ବାର୍କ, ଶ୍ରୀଚୈତନ୍ୟ ପ୍ରମୁଖ ଶ୍ରୀରାଧାଙ୍କୁ ଦେବୀ ବୋଲି ଆରାଧନା କରିଥିଲେ। ଅପରପକ୍ଷରେ ଅଧିକାଂଶ ଗବେଷକ ପୁରୀ ଶ୍ରୀମନ୍ଦିରରେ ଏହି ବେଶର ପ୍ରଚଳନ ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀରୁ ଅର୍ଥାତ୍ ଶ୍ରୀଚୈତନ୍ୟଙ୍କ ପୁରୀ ଆଗମନ ସମୟରେ ହୋଇଥିବା ମତ ପ୍ରକାଶ କରିଛନ୍ତି। କାରଣ ଶ୍ରୀଚୈତନ୍ୟ ଦେବଙ୍କ ମତରେ ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କ ମିଳିତ ତନୁ ଶ୍ରୀଜଗନ୍ନାଥ ଭାବେ ରାଧା ଦାମୋଦର ବେଶରେ ପ୍ରକଟିତ ହୋଇଥାଏ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ଶ୍ରୀମନ୍ଦିରରେ ମଙ୍ଗଳ ଆରତି ଓ ଅବକାଶ ନୀତି ଶେଷ ହେବା ପରେ ଶ୍ରୀ ବିଗ୍ରହମାନଙ୍କର ରାଧା ଦାମୋଦର ବେଶ ଅନୁଷ୍ଠିତ ହୋଇଥାଏ। ରୋଷ ହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ ଭୋଗ, ସକାଳ ଧୂପ ଓ ବାଳଧୂପ ନୀତି ଶେଷ ହେବାପରେ ବେଶ ଓ ଲାଗି ହୋଇଥାଏ। ବାଳଧୂପ ଛେକ ଆସିବା ପରେ ମୁଦିରସ୍ତ ସେବକ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରନ୍ତି ଓ ବାଳଧୂପ ସରିବାପରେ ତିନି ବାଡ଼ରେ ବନ୍ଦାପନା ହୋଇଥାଏ। ଶ୍ରୀଜୀଉମାନଙ୍କର ମନୋରମ ରାଧା ଦାମୋଦର ବେଶରେ ବିଭିନ୍ନ ପାଟବସ୍ତ୍ର ଓ ସୁବର୍ଣ୍ଣ ଅଳଙ୍କାର ଠାକୁରମାନଙ୍କୁ ଲାଗି କରାଯାଇଥାଏ। ଏହି ବେଶରେ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର ତ୍ରିକଛ ପରିଧାନ କରିଥା'ନ୍ତି। ଦୁଇହସ୍ତରେ ସୁବର୍ଣ୍ଣ ନଳୀଭୁଜ, ତ୍ରିମୁଣ୍ଡିରେ ବାଉଁଶ ପାତିଆ ଓ କନାରେ ନିର୍ମିତ ଚୂଳ, ଚୂଳର ଅଗ୍ରଭାଗରେ ରୁପା ଚନ୍ଦ୍ରିକା, ଦୁଇ କର୍ଣ୍ଣରେ କୁଣ୍ଡଳ, କଟିଦେଶରେ ଓଡ଼ିଆଣୀ କମରପଟି, କପାଳରେ ତିଳକ, ଚନ୍ଦ୍ର, ସୂର୍ଯ୍ୟ ଏବଂ ରାମାନନ୍ଦୀ ଚିତା ଇତ୍ୟାଦି ସୁବର୍ଣ୍ଣ ଅଳଙ୍କାରରେ ଶ୍ରୀଜୀଉମାନେ ଭୂଷିତ ହୋଇଥା'ନ୍ତି। ସୁଭଦ୍ରାଦେବୀ ଓଡ଼ିଆଣୀ, ଚନ୍ଦ୍ର, ସୂର୍ଯ୍ୟ ଓ ମସ୍ତକରେ ତଡ଼ଗୀ ଲାଗି ହୁଅନ୍ତି। ତିନି ଠାକୁର କଣ୍ଠରେ ସୁବର୍ଣ୍ଣ ଘାଗଡ଼ା ମାଳି ପରିଧାନ କରନ୍ତି । ଏହି ବେଶରେ ବିଭିନ୍ନ ବାରରେ ବିଭିନ୍ନ ରଙ୍ଗର ପାଟବସ୍ତ୍ର ଶ୍ରୀଜୀଉମାନେ ଲାଗି ହୁଅନ୍ତି। ରବିବାର ଲାଲ, ସୋମବାର ଧଳାରେ କଳାଛିଟ, ମଙ୍ଗଳବାର ବାରପାଟିଆ, ବୁଧବାର ନୀଳ, ଗୁରୁବାର ହଳଦିଆ, ଶୁକ୍ରବାର ଶୁକ୍ଳ ଓ ଶନିବାର କଳାରଙ୍ଗ ପାଟବସ୍ତ୍ର ଲାଗି ହୁଅନ୍ତି। ଏହାସହିତ ଖଣ୍ଡୁଆ, ବଳାଘୋଡ଼, ପହରଣ, ଟୋପର ଶିର କାପଡ଼ା, ଫୁଟା, ଅଧରବଳା ଓ ଉତ୍ତରୀୟ ଆଦି ପରିଧାନ କରନ୍ତି। ନଳୀଭୁଜରେ ସେମାନଙ୍କର ଆୟୁଧର ଚିତ୍ର ଥାଏ। ଏତଦ୍‌ବ୍ୟତୀତ ବିଭିନ୍ନ ପୁଷ୍ପ ଅଳଙ୍କାରମାନ ଏହି ବେଶରେ ପରିଧାନ କରିଥା'ନ୍ତି। ପୂର୍ବେ ବେଶଲାଗି ପରେ ତଳୁଛ ସେବକ ନାରାୟଣ ମହାପାତ୍ର ଫୁଲଗୁଣାଟିକୁ ଦେବଦାସୀ ଲାବଣ୍ୟବତୀଙ୍କ ଗଭାରେ ଗୁଞ୍ଜି ଦେଇଥିଲେ। ବିଗ୍ରହଙ୍କଠାରୁ କଢ଼ାଯାଇଥିବା ପୁଷ୍ପ ଅଳଙ୍କାର ରାଜା ରାଣୀଙ୍କୁ ଦେବାର ବିଧି ଅଛି। ପରେ ରାଜା ଏହି ଗୁଣାଟିକୁ ରାଣୀଙ୍କୁ ଦେବାରେ ଏକ କେଶ ଲାଗିଥିବା ଦେଖି ରାଜା କ୍ରୋଧିତ ହୋଇ ପ୍ରଭୁଙ୍କ କେଶ ଥିବା ନଦେଖାଇଲେ ଦଣ୍ଡିତ ହେବେ ବୋଲି ସେବକ ନାରାୟଣ ମହାପାତ୍ରଙ୍କୁ ଆଦେଶ ଦେଲେ। ଭକ୍ତ ପାଇଁ ପ୍ରଭୁ କେଶ ଧାରଣ କରି ତାଙ୍କୁ ରକ୍ଷାକଲେ। ପରଦିନ ରାଜା କେଶକୁ ଦେଖି ଟାଣିବାରୁ ରକ୍ତସ୍ରାବ ହେଲା। ସେହିଦିନଠାରୁ ପ୍ରଭୁଙ୍କର ଏହି ରାଧା ଦାମୋଦର ବେଶ ହେଉଅଛି। ଶ୍ରୀଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋସ୍ତୁ ଶ୍ରୀନୀଳମାଧବଙ୍କର ମଧ୍ୟ ଏକମାସ ଏହି ବେଶ ହୋଇଥାଏ।

ରକ୍ତହୀନତା ରୋଗର ଭୟାବହତା

ଭୁବନେଶ୍ୱର (ଓଏନ୍‌ଏସ୍): ଓଡ଼ିଶାର ସବୁଠୁ ଅନଗ୍ରସର ଓ ଗରିବ ଜିଲ୍ଲା ଭାବେ ନବରଙ୍ଗପୁରର ଯେଉଁ କଳଙ୍କ ରହିଛି, ସେହି କଳଙ୍କର କାଳିମା ଦିନକୁ ଦିନ ଗାଢ ହେବାରେ ଲାଗିଛି ସିନା କମିବାକୁ ନାଁ ଧରୁନି। ଏହାଛଡ଼ା ଏହି ଜିଲ୍ଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ପୁଷ୍ଟିହୀନତା, ରକ୍ତ ଶିକୁଳି ରୋଗ ଓ ମ୍ୟାଲେରିଆର ବ୍ୟାପକତା ଯୋଗୁ ରକ୍ତହୀନତା ଜନିତ ମୃତ୍ୟୁ ସଂଖ୍ୟା କ୍ରମେ ବଢୁଛି। ବିଶେଷତଃ ପ୍ରସବ ବେଳେ ଏହି ସମସ୍ୟା ଅତି ଜଟିଳ ଅବସ୍ଥା ସୃଷ୍ଟି କରୁଛି। ଏହି ଜିଲ୍ଲାରେ ଅଧିକାଂଶ ମାତୃ ମୃତ୍ୟୁ ଅନ୍ତରାଳରେ ରକ୍ତ ହୀନତା ହିଁ ଏକମାତ୍ର କାରଣ ବୋଲି ବରିଷ୍ଠ ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନେ ମତ ଦେଉଛନ୍ତି। ଚିକିତ୍ସା ବିଜ୍ଞାନର ନିୟମ ଅନୁସାରେ ରକ୍ତରେ ହେମୋଗ୍ଲୋବିନ୍‌ର ପରିମାଣ ଶତକଡ଼ା ୧୧ରୁ କମ୍ ରହିଲେ, ରୋଗୀଟି ରକ୍ତହୀନତାର ଶିକାର ବୋଲି ଚିକିତ୍ସା ବିଜ୍ଞାନ କହିଥାଏ। ବାସ୍ତବପକ୍ଷେ ଏହି ଜିଲ୍ଲାରେ ୯୫ ଶତକଡ଼ା ଲୋକଙ୍କର ହେମୋଗ୍ଲୋବିନ୍ ର ପରିମାଣ ୧୧% ରୁ ବହୁ ତଳେ ରହଉଛି। ଅନେକ ଗର୍ଭବତୀ ମା'ପ୍ରସବ ପାଇଁ ଆସିବାବେଳେ ସେମାନଙ୍କର ହେମୋଗ୍ଲୋବିନ୍ ର ପରିମାଣ ୪ ରୁ ୭ ଶତକଡ଼ା ମଧ୍ୟରେ ରହୁଛି। ପ୍ରସବ ପରେ କିଛି ମାତ୍ରାରେ ରକ୍ତ କ୍ଷୟ ହେଲେ ରୋଗୀର ଅବସ୍ଥା ସଙ୍କଟାପନ୍ନ ହୋଇଯାଏ ଓ ବେଳେବେଳେ ମୃତ୍ୟୁମୁଖରେ ପଡ଼େ। ସାରା ଜିଲ୍ଲା ପାଇଁ ଏକମାତ୍ର ରକ୍ତ ଭଣ୍ଡାରଟି ନବରଙ୍ଗପୁର ସ୍ଥିତ ଜିଲ୍ଲା ସଦରମହକୁମା ଚିକିତ୍ସାଳୟ ଠାରେ ରହିଛି। ସେଠାରୁ ଜିଲ୍ଲାର ସୀମାନ୍ତ ହାଟଭରଣ୍ଡି ଓ ଚନ୍ଦାହାଣ୍ଡିର ଦୂରତା ୧୨୦ କି.ମି.ରୁ ଅଧିକ। ଜିଲ୍ଲାର ଅନ୍ୟ ଏକ ଅଗ୍ରଣୀ ଚିକିତ୍ସାଳୟ ଉମରକୋଟ ଠାରୁ ଏହା ୬୫କି.ମି. ଦୂରବର୍ତ୍ତୀ। ରକ୍ତ ଦରକାର ପଡୁଥିବା ଆଦିବାସୀ ରୋଗୀଙ୍କୁ ରାତି ଅଧରେ ରକ୍ତ ଆଣିବା ଚିଠାଟି ଧରାଇ ସ୍ୱାସ୍ଥ୍ୟ ବିଭାଗ ନିଜ ଦାୟିତ୍ୱ ସାରିଦେଉଛି। ଅଧ ରାତିରେ ରୋଗୀର ଆତ୍ମୀୟ କିଭଳି ଏତେ ଦୂର ଯାଇ ରକ୍ତ ଆଣିବ, ଏହି ପ୍ରଶ୍ନର ଉତ୍ତର କୋଟିକୋଟି ଟଙ୍କା ପାଣି ପରି ଉଡ଼ାଉଥିବା ରାଷ୍ଟ୍ରୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିସନ୍ ପାଖରେ ହୁଏତ ନାହିଁ। ୨୦୦୫ରେ ସ୍ୱାସ୍ଥ୍ୟ ମିସନ୍ ଏହି ଜିଲ୍ଲାରେ କାର୍ଯ୍ୟକାରୀ ହେବା ପରଠାରୁ ରକ୍ତହୀନତା ରୋଗ ବ୍ୟାପକ ଭାବେ ବଢିଚାଲିଛି। କୋଟିକୋଟି ଟଙ୍କା ବ୍ୟୟରେ ଚିକିତ୍ସାଳୟରେ ରଙ୍ଗ ଦେଇ, ଚଟାଣରେ ମାର୍ବଲ୍ ଟାଇଲ୍ ଲଗାଇ, ବିଭିନ୍ନ ହୋଡ଼ିଙ୍ଗ୍ ଟାଙ୍ଗି ଓ ଗଣମାଧ୍ୟମରେ ରଙ୍ଗୀନ୍ ବିଜ୍ଞାପନ ଦେଇ ଓ ବର୍ଷକୁ କେବଳ ଫୁଲ ସଜାଇବାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ରାଜ୍ୟରେ ସ୍ୱାସ୍ଥ୍ୟସେବାର ବିକାଶ ହେଉଥିବା ଦାବି କରୁଛି ସ୍ୱାସ୍ଥ୍ୟ ମିସନ୍। ସ୍ୱାସ୍ଥ୍ୟ ମିସନ୍‌ର ହର୍ତ୍ତାକର୍ତ୍ତା ସାଜିଥିବା ଅନଭିଜ୍ଞ, ଅଦକ୍ଷ ଓ ଅସ୍ଥାୟୀ କର୍ମଚାରୀଙ୍କ ହାତରେ ଛାଡ଼ି ଦିଆଯାଉଛି ରାଜ୍ୟର ସ୍ୱାସ୍ଥ୍ୟସେବା ଦାୟିତ୍ୱ। ଭୁବନେଶ୍ୱରରୁ ନିର୍ଦ୍ଦେଶ ନଆସିଲେ, ଏହି ଯୋଜନାର ଘାସ ବି ହଲିବ ନାହିଁ। ଗର୍ଭବତୀ ମା'ର ଦାୟିତ୍ୱ ଅନଭିଜ୍ଞ ଆଶା ଉପରେ ଛାଡ଼ିଦେଇ ସମସ୍ତେ ନିଶ୍ଚିତ ରହିଛନ୍ତି। ବାହାରୁ ଔଷଧ ନକିଣିବାକୁ ସମସ୍ତଙ୍କୁ ତାଗିଦ୍ କରାଯାଉଛି। ରକ୍ତହୀନତା ରୋଗର ପ୍ରତିଷେଧକ ପାଇଁ ଯେଉଁ ଫଲିଫର୍ ଟାବ୍‌ଲେଟ୍ ବଣ୍ଟାଯାଉଛି,ସେଗୁଡ଼ିକ ରୋଗୀଙ୍କ ଦ୍ୱାରା ଆଦୌ ଆଦୃତ ହେଉନାହିଁ। ପ୍ୟାକିଂ ତ୍ରୁଟି ଯୋଗୁ ଖୋଲିବା ପରେ ସେସବୁ ଭାଙ୍ଗି ଯାଉଛି। ଅନେକ ରୋଗୀ ତାହାକୁ ଖାଉ ନାହାଁନ୍ତି। ଖାଇଲେ ମଧ୍ୟ ସେମାନଙ୍କର ହେମୋଗ୍ଲୋବିନ୍ ପରିମାଣ ଏତେ କମ୍ ରହୁଛି ଯେ ପ୍ରସବ ପୂର୍ବରୁ ଅବସ୍ଥା ସ୍ୱାଭାବିକ୍ ହେବା ସମ୍ଭବ ହେଉନି। ବେଳେବେଳେ ସମୟସୀମା ପାର ହୋଇଥିବା ଔଷଧ ବଣ୍ଟାଯାଇ ଅବସ୍ଥାକୁ ଆହୁରି ଅସମ୍ଭାଳ କରାଯାଉଛି। ଯେକୌଣସି ଯୋଜନାର ସଫଳ ରୂପାୟନ ପାଇଁ ପ୍ରତି ସମସ୍ୟାକୁ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବାକୁ ପଡ଼ିଥାଏ। ଗୁରୁତର ରକ୍ତହୀନତା ରୋଗୀ ଗୋଟିଏ ଗୋଟିଏ ସମସ୍ୟା। ତାଙ୍କୁ ବାଟକୁ ଆଣିବାକୁ ହେଲେ, ସ୍ୱତନ୍ତ୍ର ଭାବେ ସମାଧାନର ବାଟ ଖୋଜିବାକୁ ହେବ। ଭୁବନେଶ୍ୱରରୁ ଆସୁଥିବା ନିର୍ଦ୍ଦେଶନାମା ଏଠାରେ ଚଳିବ ନାହିଁ। ୩ମାସ ଫଲିଫର୍ ଖାଇଦେଲେ ଯେ ରକ୍ତହୀନତା ଦୂର ହୋଇଯିବ, ତାହା କହି ହେବ ନାହିଁ। ଏହାର ଭୟାବହତା ଦୂର ପାଇଁ ଏହି ଜିଲ୍ଲା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ହେବ। ଅନ୍ୟଥା ଏହି ରୋଗ କ୍ରମେ ଦାବାନଳ ଭଳି ବ୍ୟାପୀ ଆଉରି ଅଧିକ ଜୀବନ ହାନି ଘଟାଇବ। ଏହି ଜିଲ୍ଲାରେ ୫ ରୁ ୧୦ ଶତକଡ଼ା ରୋଗୀ ରକ୍ତ ଶିକୁଳି ରୋଗରେ ଆକ୍ରାନ୍ତ ହେବା ଦେଖାଯାଏ। ଏମାନଙ୍କର ରକ୍ତ ବୃଦ୍ଧି ପାଇଁ ଆଇରନ୍ ବଟିକା ଆଦୌ ସହାୟକ ନୁହେଁ। ପ୍ରସବ ପୂର୍ବରୁ ବାରମ୍ବାର ରକ୍ତ ଦିଆଯାଇ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆଣିବାକୁ ପଡ଼ିବ। ଏହାର ବ୍ୟାପକତା ହିଁ ରକ୍ତ ହୀନତା ରୋଗର ଅନ୍ୟତମ କାରଣ। ଏହି ସମସ୍ୟା ସଂପର୍କରେ ସମସ୍ତେ ଅବଗତ ଥିଲେ ମଧ୍ୟ ଏଯାଏ କୌଣସି ବିହିତ ପଦକ୍ଷେପ ନିଆ ଯାଉନାହିଁ। ସ୍ୱାସ୍ଥ୍ୟ ମିସନ୍ ପୃଥିବୀରେ ପ୍ରାୟତଃ ସବୁଠୁ ଖର୍ଚ୍ଚ ବହୁଳ ଯୋଜନା। ଏହି ଯୋଜନାରେ ଟଙ୍କାର ଅଭାବ ନାହିଁ। ଅର୍ଥର ପ୍ରାଚୁର୍ଯ୍ୟ ସତ୍ତ୍ୱେ ଗୋଟିଏ ମା' ଯଦି କରିବ, ତାହେଲେ ଇତିହାସ କେବେ ଆମକୁ କ୍ଷମା ଦେବ ନାହିଁ। କେବଳ ତଥାକଥିତ ଇଟିଙ୍ଗ୍, ସିଟିଙ୍ଗ୍, ମିଟିଂ, କାନ୍‌ଭାସିଂ ଓ ହୁଡ଼ିଙ୍ଗ୍‌ରେ ପ୍ରଚୁର ଅର୍ଥ ବ୍ୟୟ କରାନଯାଇ ସମସ୍ୟାର ମୂଳରେ ପହଞ୍ଚି ସମାଧାନ କରାଗଲେ ହିଁ ଏହି ଯୋଜନାର ସଫଳ ରୂପାୟନ ହୋଇପାରିବ।

(ସୌଜନ୍ୟ: ଡାକ୍ତର ସୁରେନ୍ଦ୍ର ନାଥ ଦାଶ)

ବାର୍ କାଉନସିଲ ଆଫିଲିଏସନ ହାସଲ କଲା ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟ

ଖୋର୍ଦ୍ଧା (ପିଏନ୍)– ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟ ସଂପାଦକଙ୍କ ଆବେଦନ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାରଙ୍କ ସ୍ୱୀକୃତିକରଣକୁ ଭିତିକରି ବାରକାଉନସିଲ ଅଫ୍ ଇଣ୍ଡିଆର ସଂପାଦକ ଶ୍ରୀମନ୍ତୋ ସେନ୍ ଓ ସହ ସଂପାଦକ ଏନ୍-ସେଟ୍ଟିଲ୍ କୁମାର ଏକ ଯୁଗ୍ମ ସ୍ୱାକ୍ଷରିତ ଘୋଷଣା ପତ୍ରରେ ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାରଙ୍କୁ ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ୨୦୧୬-୧୭, ୨୦୧୭-୧୮, ୨୦୧୮-୧୯ ଶିକ୍ଷାବର୍ଷ ପାଇଁ ସହବନ୍ଧନ ଅସ୍ଥାୟୀ ଭାବେ ମଂଜୁର କରିଥିବା ଚିଠି ନଂ- ବି.ସି.ଆଇ/୧୦୩୨/୨୦୧୯ ତା ୩୦/୧୦/୨୦୧୯ ରିଖରେ ଜଣାଇଛନ୍ତି । ପ୍ରକାଶ ଥାଉକି ଏହା ପୂର୍ବରୁ ରାଜ୍ୟ ସରକାରଙ୍କ ଦ୍ୱାରା ୨୦୧୬-୧୭, ୨୦୧୭-୧୮, ୨୦୧୮-୧୯ ଶିକ୍ଷାବର୍ଷ ପାଇଁ ସ୍ୱୀକୃତି ଲାଭ କରିଥିଲା ଏବଂ ଉପରୋକ୍ତ ୩ ବର୍ଷ ଉତ୍କଳ ବିଶ୍ୱବିଦ୍ୟାଳୟର ସହବନ୍ଧନ ଉପଲବ୍ଧ କରିଥିଲା। ଏହି ସୁସଂବାଦରେ ଖୋର୍ଦ୍ଧାର ଶିକ୍ଷାପ୍ରେମୀ ଜନସାଧାରଣ, ଛାତ୍ର ଓ ଅଭିଭାବକମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ସଂପାଦକ ସୁଧୀର ମାନସିଂହ ଓ ଅଧ୍ୟକ୍ଷ ରମେଶଚନ୍ଦ୍ର ବେହେରା ବାରକାଉନସିଲର ସମୟୋପଯୋଗୀ ନିଷ୍ପତି ପାଇଁ ଗଭୀର କୃତଜ୍ଞତା ଜଣାଇଛନ୍ତି ।

କେନ୍ଦୁଝର ଜିଲ୍ଲା ଚେସ୍ ପ୍ରତିଯୋଗିତା ୧୦ରେ

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ଚେସ୍ ଆସୋସିଏସନ୍ ଆନୁକୂଲ୍ୟରେ ଦ୍ୱିତୀୟ ଜିଲ୍ଲାସ୍ତରୀୟ ଓପନ୍ ଏବଂ ବିଦ୍ୟାଳୟସ୍ତରୀୟ ଚେସ୍ ଟୁର୍ଣ୍ଣାମେଂଟ ନଭେମ୍ବର ୧୦ ତାରିଖ ଦିନ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ଜାମୁନାଳିଆସ୍ଥିତ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟରେ ଏହି ଜିଲ୍ଲାସ୍ତରୀୟ ଚେସ୍ ଟୁର୍ଣ୍ଣାମେଂଟ ପାଇଁ ସାଧାରଣ ବର୍ଗରେ ଏଂଟ୍ରି ଫି ୧ ହଜାର ଟଙ୍କା ଏବଂ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗୀଙ୍କ ପାଇଁ ପ୍ରବେଶିକା ଶୁଳ୍କ ୨୫୦ ଟଙ୍କା ରଖାଯାଇଥିବା ଜଣାପଡିଛି। ସାଧାରଣବର୍ଗରେ ତିନିଗୋଟି ଗ୍ରୁପ କରାଯାଇଥିବା ସହ ୧/୧/୨୦୧୦ ପୂର୍ବରୁ ଜନ୍ମଗ୍ରହଣ କରିଥିବା ବ୍ୟକ୍ତିଙ୍କ ପାଇଁ 'କ' ବିଭାଗ, ୧/୧/୨୦୦୨ ପୂର୍ବରୁ ଜନ୍ମଗ୍ରହଣ କରିଥିବା ବ୍ୟକ୍ତିଙ୍କ ପାଇଁ 'ଖ' ବିଭାଗ ଏବଂ ଅନ୍ୟ ଏକ ବରିଷ୍ଠ ବିଭାଗ କରାଯାଇଥିବା ଜଣାପଡିଛି। ପୁରସ୍କୃତ ଖେଳାଳୀ ମାନଙ୍କ ପାଇଁ ନଗଦ ଅର୍ଥ ସହ ଟ୍ରଫି, ମେଡାଲ ଓ ମାନପତ୍ରର ବ୍ୟବସ୍ଥା କରାଯାଇଥିବା ସହ ସମସ୍ତଙ୍କ ପାଇଁ ମଧ୍ୟାହ୍ନଭୋଜନର ବ୍ୟବସ୍ଥା ରହିଥିବା କଥା କେନ୍ଦୁଝର ଜିଲ୍ଲା ଚେସ୍ ଆସୋସିଏସନ୍‌ର ସଭାପତି ଇଂ. ବସନ୍ତ କୁମାର ଦାନୀ ଏବଂ ସଂପାଦକ ଅମର ମହାନ୍ତି ସୂଚନା ଦେଇଛନ୍ତି।

ପୂର୍ବତନ ବିଧାୟକ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ପାଳିତ

ଭୁବନେଶ୍ୱର (ପିଏନ୍)- ପୂର୍ବତନ ବିଧାୟକ, ଯୁବନେତା, ଓଡିଶା ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ କାର୍ଯ୍ୟକାରୀ ସଭାପତି ସ୍ୱର୍ଗତଃ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କର ୩ୟ ଶ୍ରାଦ୍ଧ ବାର୍ଷିକୀ ଲୁଲୁ ମହାପାତ୍ର ରାଜ୍ୟସ୍ତରୀୟ ସ୍ମୃତି କମିଟି ପକ୍ଷରୁ ଭୁବନେଶ୍ୱର ରୋଟାରୀ ଭବନଠାରେ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ସ୍ମୃତିସଭାରେ ସ୍ମୃତି କମିଟିର ଅଧ୍ୟକ୍ଷ ଶ୍ରୀ ଶୁଭେନ୍ଦୁ ମହାନ୍ତି ଅଧ୍ୟକ୍ଷତା କରିଥିଲେ ଏବଂ ସଭାପତି ଶ୍ରୀ ଚିନ୍ମୟ ପ୍ରସାଦ ବେହୁରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ସ୍ୱର୍ଗତଃ ଲୁଲୁ ମହାପାତ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ କହିଲେ ଯେ ସ୍ୱର୍ଗତଃ ଲୁଲୁବାବୁ ଜଣେ ନିର୍ଭୀକ, ଦୃଢ଼ମନା ନେତା ଥିଲେ। ରାଜନୀତିରେ ସତ୍ୟରୁ ସେ କେବେ ବିଚ୍ୟୁତ ହେଉନଥିଲେ। କଂଗ୍ରେସ ଦଳ କିପରି ଅଧିକ ସଂଗଠିତ ଓ ଜନପ୍ରିୟ ହୋଇପାରିବ ସେଥିପାଇଁ ସେ ସବୁବେଳେ ଉଦ୍ୟମ ଜାରି ରଖିଥିଲେ। ଆଜିର ଯୁବ ସମାଜ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଶ୍ରୀ ରାଉତରାୟ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ଭାବରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ପ

ମୋ ସହର

ବିଆର ଲାଇଫ୍ କଳିଙ୍ଗ ହସପିଟାଲ ପକ୍ଷରୁ ପ୍ରୋଷ୍ଟେଟ୍ କ୍ୟାନସର କ୍ଲିନିକ୍‌ର ଶୁଭାରମ୍ଭ

ଜନ ସଚେତଚନତା ୱାକାଥନରେ ଯୋଗଦେଲେ ଦେଢଶହରୁ ଅଧିକ ବରିଷ୍ଠ ନାଗରିକ

ଭୁବନେଶ୍ୱର(ପିଏନ) : ଭାରତର ପୁରୁଷଙ୍କ ମଧ୍ୟରେ କ୍ରମବର୍ଦ୍ଧିଷ୍ଣୁ ପ୍ରୋଷ୍ଟେଟ୍ କ୍ୟାନସର ବାବଦରେ ସଚେତନତା ସୃଷ୍ଟି ଓ ସଠିକ ସମୟରେ ଚିକିତ୍ସା ପାଇଁ ବିଆର ଲାଇଫ୍ କଳିଙ୍ଗ ସୁପର ସ୍ପେଶିଆଲିଟି ହସପିଟାଲ ତରଫରୁ ପ୍ରୋଷ୍ଟେଟ କ୍ୟାନସର କ୍ଲିନିକ୍‌ର ଶୁଭାରମ୍ଭ କରାଯାଇଛି । ଏହି ଅବସରରେ ହସପିଟାଲ ତରଫରୁ ବରିଷ୍ଠ ନାଗରିକଙ୍କୁ ନେଇ ଏକ ୱାକାଥନର ଆୟୋଜନ ହୋଇଥିଲା । ଯେଉଁଥିରେ ଦେଢଶହରୁ ଅଧିକ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ । ପ୍ରୋଷ୍ଟେଟ୍ କ୍ୟାନସରକୁ ନେଇ ହୋଇଥିବା ଗବେଷଣା ଅନୁସାରେ ୨୦୧୦ ଓ ୨୦୧୫ରେ ଭାରତରେ ଯଥାକ୍ରମେ ପ୍ରୋଷ୍ଟେଟ୍ କ୍ୟାନସର ରୋଗୀଙ୍କ ସଂଖ୍ୟା ଯଥାକ୍ରମେ ୨୬ ହଜାର ଓ ୨୮ ହଜାର ଥିଲା । ୨୦୨୦ ସୁଧା ଏହି ସଂଖ୍ୟା ଦ୍ୱିଗୁଣ ହେବ ବୋଲି ଅନୁମାନ କରାଯାଉଛି । ଏହି ଶୁଭାରମ୍ଭ ଅବସରରେ ପ୍ରୋଷ୍ଟେଟ୍ କ୍ୟାନସରର ଆଗୁଆ ଚିକିତ୍ସା ଉପରେ ଗୁରୁତ୍ୱ ଦେଇ ବିଆର ଲାଇଫ୍ କଳିଙ୍ଗ ହସପିଟାଲର ବରିଷ୍ଠ ୟୁରୋଲୋଜିଷ୍ଟ ଡ. ବିଶ୍ୱଜିତ୍ ନନ୍ଦ କହିଛନ୍ତି ଯେ, "ପ୍ରୋଷ୍ଟେଟ୍ କ୍ୟାନସର ଧିମା କ୍ୟାନସର । ସାଧାରଣତଃ ଏହି ରୋଗ ଶେଷ ସ୍ତରରେ ନପହଞ୍ଚିବା ପର୍ଯ୍ୟନ୍ତ ରୋଗୀ ଆରମ୍ଭରୁ ଏହାର କୌଣସି ବିଶେଷ ଲକ୍ଷଣ ଅନୁଭବ କରିନଥାଏ । ଆମେ ଏଭଳି ଅନେକ ରୋଗୀଙ୍କୁ ଦେଖିଛୁ ଯେଉଁମାନେ ପ୍ରୋଷ୍ଟେଟ୍ କ୍ୟାନସର ଦ୍ୱାରା ପୀଡିତ ବୋଲି ଜାଣିନଥାନ୍ତି । ଥରେ ପ୍ରୋଷ୍ଟେଟ୍ କ୍ୟାନସର ଦୃତଗତିରେ ବଢିବା ଆରମ୍ଭ କରିବା କିମ୍ବା ପ୍ରୋଷ୍ଟେଟ୍ ବାହାରକୁ ବ୍ୟାପିବା ବିପଜ୍ଜନକ ହୋଇଥାଏ । ଯେହେତୁ ପ୍ରାରମ୍ଭିକ ସ୍ତରରେ ଲକ୍ଷଣ ଚିହ୍ନଟ ହୋଇପାରିନଥାଏ, ତେଣୁ ୫୦ ବର୍ଷ ବୟସରୁ ଊର୍ଦ୍ଧ ବ୍ୟକ୍ତିଙ୍କୁ ପ୍ରତିବର୍ଷ ପ୍ରୋଷ୍ଟେଟ୍ କ୍ୟାନସର ଜାଞ୍ଚ ଜରୁରୀ ।" ଏହି ଅବସରରେ ପ୍ରୋଷ୍ଟେଟ୍ କ୍ୟାନସର କ୍ଲିନିକ୍‌ର ଆବଶ୍ୟକତା ସମ୍ପର୍କରେ ବିଆର ଲାଇଫ୍ କଳିଙ୍ଗ ହସପିଟାଲ ୟୁନିଟ୍ ହେଡ୍, ଶ୍ରୀ ଭର୍ଗିସ ପି ଜନ୍ ସୂଚନା ଦେଇଥିଲେ । ସେ କହିଥିଲେ ଯେ, "ପ୍ରୋଷ୍ଟେଟ୍ କ୍ୟାନସର ଓ ପ୍ରୋଷ୍ଟେଟ୍ ଗ୍ରନ୍ଥି ରୋଗର ଆଧୁନିକ ତଥା ଗୁଣବତ୍ତା ଚିକିତ୍ସା ଉପରେ ବିଆର ଲାଇଫ୍ କଳିଙ୍ଗ ହସ୍ପିଟାଲର ପ୍ରୋଷ୍ଟେଟ୍ କ୍ୟାନସର କ୍ଲିନିକ୍ ଗୁରୁତ୍ୱ ଦେବ । ପ୍ରୋଷ୍ଟେଟ୍ କ୍ୟାନସରକୁ ନେଇ ଆଗୁଆ ଲକ୍ଷଣ, ବିପଦ ତଥା ଚିହ୍ନଟ ବାବଦରେ ସଚେତନତା ସୃଷ୍ଟିର ଆବଶ୍ୟକତା ରହିଛି । ପ୍ରୋଷ୍ଟେଟ୍ କ୍ୟାନସର ଚିକିତ୍ସା କରାଇଥିବା ରୋଗୀଙ୍କ ବଞ୍ଚିବା ହାର ଅଧିକ ଥିବା ଆମେ ଦେଖିଛୁ । ପ୍ରୋଷ୍ଟେଟ୍ କ୍ୟାନସର କ୍ଲିନିକ୍ ଏଭଳି ଏକ ମେଡିକାଲ ୟୁନିଟ୍ ଯାହା ବିଶ୍ୱସ୍ତରୀୟ ଚିକିତ୍ସା ସହ ଅସ୍ତ୍ରୋପଚାରର ସୁବିଧା ଯୋଗାଇଦେବାରେ ଗୁରୁତ୍ୱ ଦେଉଛି । ଏହା ମେଡିକାଲ ଯାଞ୍ଚ ସହ ପ୍ରୋଷ୍ଟେଟ୍ କ୍ୟାନସରର ପ୍ରବନ୍ଧନ ସୁବିଧା ଯୋଗାଇଦେବ । ରୋଗୀଙ୍କ ଆବଶ୍ୟକତା ଅନୁସାରେ ଆଣ୍ଡ୍ରୋଜେନ୍ ଡିପ୍ରାଇଭେସନ ଥେରାପି କିମ୍ବା ସର୍ଜରୀ ରେଡିକାଲ ପ୍ରୋଷ୍ଟେକ୍ଟୋମି ଭଳି ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ।" କର୍କଟ ରୋଗ ମଧ୍ୟରେ ପ୍ରୋଷ୍ଟେଟ୍ କ୍ୟାନସର ଏଭଳି ଧରଣର କ୍ୟାନସର ଯାହା ଭାରତୀୟଙ୍କ ମଧ୍ୟରେ ଅଧିକ ଦେଖାଯାଇଥାଏ । ୬୫ ବର୍ଷରୁ ଅଧିକ ବୟସର ବ୍ୟକ୍ତି ଏହାଦ୍ୱାରା ପୀଡିତ ହେବାର ଆଶଙ୍କା ଅଧିକ ଥାଏ । ଅନ୍ୟପକ୍ଷରେ ୫୦ ବର୍ଷରୁ କମ୍ ବୟସ ଲୋକଙ୍କ ମଧ୍ୟରେ ଥିବା ଏକ ପ୍ରତିଶତଙ୍କଠାରେ ଏହି କ୍ୟାନସର ପରିଲକ୍ଷିତ ହୋଇଥାଏ । ପ୍ରୋଷ୍ଟେଟ କ୍ୟାନସରର ବଂଶାନୁକ୍ରମିକ ଥିଲେ ଜଣେ ଏହାଦ୍ୱାରା ପୀଡିତ ହେବାର ଆଶଙ୍କା ଅଧିକ ହୋଇଯାଇଥାଏ । ବାର୍ଦ୍ଧକ୍ୟ, ମେଦବହୁଳତା, ଅନୁଚିତ ଆହାର ଏବଂ ଆନୁବଂଶିକ ପରିବର୍ତ୍ତନ ପ୍ରୋଷ୍ଟେଟ୍ କ୍ୟାନସରର ମୁଖ୍ୟ କାରଣ । ପ୍ରୋଷ୍ଟେଟ୍ କ୍ୟାନସର ଶେଷ ପର୍ଯ୍ୟାୟରେ ଥିଲେ ପୀଡିତ ପରିସ୍ରା କରିବାରେ କଷ୍ଟ ଅନୁଭବ କରିଥାନ୍ତି କିମ୍ବା ବାରମ୍ବାର ପରିସ୍ରା ଅନୁଭବ କରିଥାନ୍ତି । ଆଗୁଆ ରୋଗ ନିରୁପଣ ଦ୍ୱାରା ତଥା ସଠିକ ଚିକିତ୍ସା ମାଧ୍ୟମରେ ରୋଗୀଙ୍କ ଜୀବନ ବଞ୍ଚିବା ସହ ଜୀବନ ଧାରଣ ବର୍ଷ ବୃଦ୍ଧି ପାଇଥାଏ ।

ପ୍ରତିଯୋଗି ସମାବେଶ ଅନୁଷ୍ଠିତ

କେନ୍ଦ୍ରାପଡା (ପିଏନ)- ଜିଲ୍ଲା ବୋଇତ ବନ୍ଦାଣ ସମିତି ଆନୁକୂଲ୍ୟରେ ସ୍ଥାନୀୟ ତୁଳସୀ ମହିଳା ମହାବିଦ୍ୟାଳୟ ପରିସରରେ ଜିଲ୍ଲାର ବିଭିନ୍ନ କଲେଜ ଓ ସ୍କୁଲ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ୨୮୦ଜଣ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ପ୍ରତିଯୋଗିତାରେ ବିଚାରକଭାବେ ଅଧ୍ୟାପକ ରଣଜିତ ଦାସ, ହେମନ୍ତ ଜେନା, ସୁବାଶ ପାତ୍ର(ଗୀତିକାର), ପ୍ରଭାତ ଧଳ,ସୁଶ୍ରୀ ଅମିତା, ପ୍ରଫୁଲ୍ଲ ଦାସ, ଅମରେଶ ରଥ, ସୁଶ୍ରୀ ଲିପସା ଦାଶ, ସୌଭାଜନି ମହାପାତ୍ର, ଶୁଶିଲ ସୂତାର ପ୍ରମୁଖ ଯୋଗଦେଇଥିଲେ ।

PARADIP PORT TRUST
e-TENDER CALL NOTICE
Name of the work : "Providing Pathways in between Railway Tracks from line No.7 to Line No.17 at PPT Exchange yard)". Estimated Cost: Rs.51,13,494/-. Last Date & time of submission: 22.11.2019 upto 17.00 Hrs. Refer our website for details :eprocure.gov.in/eprocure/app
Executive Engineer,PRD,PPT
PPT/PR/435/19-20, Dt.27/11/2019

ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଦାବି ନେଇ ରାଜ୍ୟ ବ୍ୟାପୀ ବାଇକ୍ ଶୋଭାଯାତ୍ରା

ଭୁବନେଶ୍ୱର, (ପିଏନ) : ରାଜ୍ୟସ୍ତରୀୟ ଲୋକ ସଂଗଠନ ଓଡ଼ିଶା ଶ୍ରମଜୀବୀ ମଞ୍ଚ ଏବଂ ମହିଳା ଶ୍ରମଜୀବୀ ମଞ୍ଚ, ଓଡ଼ିଶା ପକ୍ଷରୁ ଜିଲ୍ଲାସ୍ତରୀୟ ବାଇକ୍ ଶୋଭାଯାତ୍ରା ଆୟୋଜନ କରାଯାଇଛି । ଏହି ବାଇକ୍ ଶୋଭାଯାତ୍ରାରେ ୧୭ଟି ଜିଲ୍ଲାର ପ୍ରାୟ ୨୦୦୦ ଲୋକ ଭାଗ ନେଇଥିଲେ । ଏହି ଜିଲ୍ଲାସ୍ତରୀୟ ଶୋଭଯାତ୍ରାକୁ ବିଶେଷକରି ମାଲ୍‌କାନାଗିରି ଜିଲ୍ଲାରେ ଚିତ୍ରକୋଣ୍ଡା ବିଧାୟକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ବାକା, ରାୟଗଡ଼ା ଜିଲ୍ଲାରେ ବିଧାୟକ ଶ୍ରୀ ମକରନ୍ଦ ମୁଦୁଲି ଏବଂ ସମ୍ବଲପୁର ଜିଲ୍ଲାରେ କୁଚିଣ୍ଡା ବିଧାୟକ ଶ୍ରୀ କିଶୋର ଚନ୍ଦ୍ର ନାୟକ ଉଦ୍‌ଘାଟନ କରିଥିଲେ ।

ନଭେମ୍ବର ୧୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ବାଇକ୍ ଶୋଭାଯାତ୍ରା ସମୟରେ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସମ୍ପର୍କରେ ଲୋକମାନଙ୍କର ଅଧିକାର ଏବଂ ନ୍ୟାର୍ଯ୍ୟ ପ୍ରାପ୍ୟ ସମ୍ପର୍କରେ ସେମାନଙ୍କୁ ସଚେତନ କରାଇବା, ଶିକ୍ଷା ଅଧିକାର ଆଇନ୍ ୨୦୦୯ର ସଫଳ କାର୍ଯ୍ୟାନ୍ୱୟନ ଏବଂ ଉତ୍ତମ ମାନର ସ୍ୱାସ୍ଥ୍ୟସେବାକୁ ସୁନିଶ୍ଚିତ କରିବା ପାଇଁ ସରକାରୀ କଳ ଏବଂ ନିର୍ବାଚିତ ପ୍ରତିନିଧିମାନଙ୍କୁ ଦାବିପତ୍ର ପ୍ରଦାନ କରାଯିବ ।

ଗଣେଶ ପଲ୍ଲିଟେକ୍‌ନିକ୍ ଓ ଆମ ଓଡ଼ିଶା ମିଳିତ ସହଯୋଗରେ ରକ୍ତଦାନ ଶିବିର

ଭୁବନେଶ୍ୱର, (ପିଏନ୍)- ଗଣେଶ ପଲ୍ଲିଟେକ୍‌ନିକ୍ ଅନ୍ଧାରୁଆ ଭୁବନେଶ୍ୱରସ୍ଥିତ କଲେଜ୍ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଅନୁଷ୍ଠାନର ପରିଚାଳକ ଇଂ ବିଭୁତି ଭୂଷଣ ତ୍ରିପାଠୀଙ୍କ ଦ୍ୱାରା ଆୟୋଜିତ ଏହି ଶିବିରକୁ ରାଷ୍ଟ୍ରିୟ ସଂସ୍କୃତ ବିଶ୍ୱବିଦ୍ୟାଳୟର, ତିରୁ ତିର ପୂର୍ବତନ କୁଳାଧି ତି ଡ଼. ହରେକୃଷ୍ଣ ଶତପଥି ଉଦ୍‌ଘାଟନ କରିଥିଲେ । ଏହି ଶିବିର କଲେଜ୍‌ର ଅଧ୍ୟକ୍ଷ ପ୍ରଫେସର ପ୍ରଶନ୍ନ କୁମାର ବେହେରା, ଲୋକ ସମ୍ପର୍କ ଅଧିକାରୀ, ଶ୍ରୀ ବିକ୍ରମ କିଶୋର ମିଶ୍ର ଓ ସମସ୍ତ କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା । ଶିବିରରୁ ଆମ ଓଡ଼ିଶା ରାଜ୍ୟ ସଂଯୋଜକ ଶ୍ରୀ ପ୍ରଭଞ୍ଜନ ପାଣୀଗ୍ରାହି ଓ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ରକ୍ତଭଣ୍ଡାର, କଟକର ଡ଼.ନିରୁ ମା ସାହୁ ଓ ସହଯୋଗୀ ଶ୍ରୀ ଶିବ ଶଙ୍କର ପଟ୍ଟନାୟକ, ଶ୍ରୀ ଦେବାନନ୍ଦ ଦେହୁରୀ, ଶ୍ରୀ ଚିନ୍ମୟ କୁମାର ସାହୁ, ଶ୍ରୀ ବିଶ୍ୱଜିତ ଦିକ୍ଷିତ, ଶ୍ରୀ ବିଷ୍ଣୁ ପ୍ରସାଦ ଘୋଷ, ଶ୍ରୀ ବୈରାଗୀ ନାୟକଙ୍କ ଦ୍ୱାରା ୧୦୫ ୟୁନିଟ୍ ରକ୍ତ ସଂଗ୍ରହ ହେଇଥିଲା । ପରିଶେଷରେ ଭବିଷ୍ୟତରେ କୌଣସି ବ୍ୟକ୍ତି ଯେପରି ରକ୍ତ ଅଭାବ ଜନିତ ମୃତ୍ୟୁ ବରଣ ନ କରେ ସେଥି ।ଇଁ ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ ଓ କର୍ମକର୍ତ୍ତା ଏହି ଭଳି ଏକ ମହତ କାର୍ଯ୍ୟକୁ ଆଗାମୀ ଦିନରେ ଜାରି ରଖିବା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ ।

ୟୁନିଅନ୍ ବ୍ୟାଙ୍କ ପକ୍ଷରୁ ରେପୋ ଲିଙ୍କଡ୍ ବ୍ୟକ୍ତିଗତ, ଖୁଚୁରା ଓ ଏମ୍‌ଏସ୍‌ଇ ଋଣର ଶୁଭାରମ୍ଭ

ଭୁବନେଶ୍ୱର: ସୁଧ ହାରରେ ସଠିକ୍ ପ୍ରତିଫଳନ ଆଣିବାଲାଗି ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଆରବିଆଇର ଦିଶାନିର୍ଦ୍ଦେଶ ଅନୁସାରେ ଖୁଚୁରା, ଲଘୁ ଏବଂ ମଧ୍ୟମ ବର୍ଗର ସଂସ୍ଥାର କ୍ଷେତ୍ର ପାଇଁ ସମସ୍ତ ନୂଆ ଫ୍ଲୋଟିଂ ରେଟ୍ ଋଣ ନିମନ୍ତେ ଏକ୍ସଟର୍ନାଲ୍ ବେଂଚ୍‌ମାର୍କ ଲେଣ୍ଡିଂ ରେଟ୍ (ଇବିଏଲ୍‌ଆର୍)ର ଶୁଭାରମ୍ଭ କରାଯାଇଛି । ୨୦୧୯ ଅକ୍ଟୋବର ୧ ଠାରୁ ଲାଗୁ ହୋଇଥିବା ଏହି ସବୁ କ୍ଷେତ୍ରଗୁଡ଼ିକ ଲାଗି ନୂଆ ଫ୍ଲୋଟିଂ ଦରକୁ ରିଜର୍ଭ ବ୍ୟାଙ୍କର ନୀତିଗତ ରେପୋ ହାର ସହ ଯୋଡ଼ାଯିବ । ୨୦୧୯ ଅକ୍ଟୋବର ୧ରେ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ୮.୨୫%ର ଫିକ୍ସଡ୍ ଏକ୍ସଟର୍ନାଲ୍ ବେଂଚ୍‌ମାର୍କ ଲେଣ୍ଡିଂ ରେଟ୍ (ଇବିଏଲ୍‌ଆର୍) ଧାର୍ଯ୍ୟ କରାଯାଇଛି । ବିଭିନ୍ନ ସ୍କିମ୍ ପାଇଁ ପ୍ରଯୁଯ୍ୟ ରେଟ୍ ହେବ ଇବିଏଲ୍‌ଆର୍ ସହିତ ଉପ୍ରାଦ ଉପରେ ପ୍ରିମିୟମ୍ ।ଇବିଏଲ୍‌ଆର୍‌କୁ ରିଜର୍ଭ ବ୍ୟାଙ୍କର ରେପୋ ରେଟ୍ ସହ ଯୋଡ଼ାଯାଇଥିବାରୁ କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ନୀତି ରେପୋ ରେଟ୍‌ରେ ଯାହା ପରିବର୍ତନ ହେବ ତାହାର ଲାଭ ସ୍ୱୟଂକ୍ରିୟ ଭାବେ ଗ୍ରାହକଙ୍କ ପାଖରେ ପହଂଚିବ । ୨୦୧୯ ଅକ୍ଟୋବର ୧ରୁ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପାଇଁ ଏଲ୍‌ସିଏଲ୍‌ଆର୍‌ରେ ୦.୦୫% ହ୍ରାସ କରାଯାଇଛି ।

ଚରମ୍ପା ଗଳାପୋଲ ସମ୍ପ୍ରସାରଣ କମିଟିର ସାଧାରଣ ସଭା

ଭଦ୍ରକ, (ପିଏନ)- ଚରମ୍ପାସ୍ଥ ଲକ୍ଷ୍ମୀନାରାୟଣ ମନ୍ଦିର ସଭାଗୃହରେ ପ୍ରଫୁଲ୍ଲ ନାୟକ ଓ କଲ୍ଲୋଳ ଲେଙ୍କାଙ୍କ ଆବାହନ କ୍ରମେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ବୈଠକରେ ଅଧକ୍ଷତା କରିଥିବା ପ୍ରାକ୍ତନ ବିଧାୟକ ଶ୍ରୀଯୁକ୍ତ ନରେନ ପଲାଇ ସଭାକୁ ଅବଗତ କରାଇଥିଲେ କି, ପୂର୍ବରୁ ଚରମ୍ପା ଗଳାପୋଲ ସମ୍ପ୍ରସାରଣ ପାଇଁ ଜାତୀୟ ରାଜପଥ ପ୍ରାଧିକରଣ, ପଦସ୍ଥ ରାଜନେତା ତଥା ପ୍ରଶାସନିକ ଅଧିକାରୀମାନଙ୍କୁ ଅବଗତ କରାଇ ଆସିଥିଲେ । ତା ୧୮.୦୨.୨୦୧୯ ରିଖ ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ଜାତୀୟ ରାଜପଥ ଅଧିକାରୀ ପୋଲଟିର ସମ୍ପ୍ରସାରଣ ପାଇଁ ଏକ ସହମତି ପତ୍ର ପ୍ରଦାନ କରିବା ସହ ତିନିମାସ ପର୍ଯ୍ୟନ୍ତ ଡାହାଣୀ ଗଡ଼ିଆ ଠାରୁ ଚରମ୍ପା ଆଇ.ଟି.ଆଇ. ଛକ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ରହିବ ।

ମାତ୍ର ତା. ୦୯.୦୬.୨୦୧୮ରିଖ କାର୍ଯ୍ୟ ଆରମ୍ଭ ହେବାରୁ ଆମେ ଅବଗତ ହେଲୁ ଯେ, ଗଳାପୋଲଟି ସମ୍ପ୍ରସାରିତ ନହୋଇ ଆଇ.ଟି.ଆଇ. କେନାଲ ପାଖରେ ଏକ ଉଡ଼ନ୍ତା ପୋଲ ହେବାକୁ ଯାଉଛି ବୋଲି ବୋଲି ସଭାକୁ ଅବଗତ କରାଇଥିଲେ । ସଭାରେ ଉପସ୍ଥିତ ଥିବା ଶ୍ରୀଯୁକ୍ତ ରତିକାନ୍ତ ପରିଡ଼ା ଓ ଶ୍ରୀଯୁକ୍ତ ଅଶୋକ ପରିଡ଼ା କହିଲେ କି, ଯାହା ଆମର ପୂର୍ବ ଦାବି ରହିଥିଲା "ଚରମ୍ପାସ୍ଥ ଗଳାପୋଲଟିକୁ ଭଦ୍ରକ ବନ୍ତଛକ ଅନୁରୂପ ଏକ ଉଡ଼ନ୍ତା ପୋଲ କରିବାପାଇଁ", ତାହା ଧାର୍ଯ୍ୟ ରହିଲେ ଚରମ୍ପାର ଟ୍ରାଫିକ୍ ସମସ୍ୟା ଓ ଅନ୍ୟାନ୍ୟ ସମସ୍ୟା ସବୁଦିନପାଇଁ ଦୂର ହେବ । ଏତଦ୍‌ଭିନ୍ନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାପାଇଁ ଏକ କାର୍ଯ୍ୟକାରୀ କମିଟି ଗଠିତ ହୋଇଥିଲା ।

ସଭାରେ ଉପସ୍ଥିତ ଥିବା ସଦସ୍ୟଙ୍କ ସମର୍ଥନ ଓ ପ୍ରସ୍ତାବନା ମୂଳେ ସ୍ଥାୟୀ ସଭାପତି ଶ୍ରୀଯୁକ୍ତ ପ୍ରଫୁଲ୍ଲ ନାୟକ, ଆବାହକ ଶ୍ରୀଯୁକ୍ତ କଲ୍ଲୋଲେଙ୍କା କାର୍ଯ୍ୟକାରୀ ସଭ୍ୟଭାବରେ ନିଯୁକ୍ତ ହେଲେ । ଉପସ୍ଥିତଥିବା ସଦସ୍ୟ ଯଥା ପୂର୍ବତନ ସରପଂଚ ରତ୍ନାକର ସାମଲ, ସଞ୍ଜୀବ ମହାନ୍ତି, ସୁବ୍ରତ ଦାସ, ଅଶୋକ ମହାନ୍ତି, ଲକ୍ଷ୍ମୀଧର ରାଉତ, ଗଜେନ୍ଦ୍ର ବେହେରା, ରାଜକିଶୋର ବାଇତି, ବିଦ୍ୟାଧର ବାରିକ, ମଦନ ମହାନ୍ତି, ବିଭୂତିଭୂଷଣ ସାହୁ, ସୁକାନ୍ତ ଦାସ ଏବଂ ପୂର୍ଣ୍ଣ ସଭାର ସହମତିକ୍ରମେ ଆଜିର ବୈଠକ ନିଷ୍ପତି ନେଇଥିଲା କି ଏହାକୁ ଭଦ୍ରକ ନିର୍ବାଚିତ ସାଂସଦ, ବିଧାୟକ ଓ ଜିଲ୍ଲାପ୍ରସାସନିକ ଅଧିକାରୀ ଏବଂ ଜାତୀୟ ରାଜପଥ ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇବାକୁ ନିଷ୍ପତି ନେଇଥିଲା । ଉକ୍ତ ଗଳାପଲୋଟିକୁ ସମ୍ପ୍ରସାରିତ କରାଇ ଟ୍ରାଫିକ୍ ସମସ୍ୟାର ଆସୁ ସମାଧାନ କରିବା ପର୍ଯ୍ୟନ୍ତ ଆମେ ଲାଗିରହିବା ବୋଲି ଆଜିର ବୈଠକରେ ଉପସ୍ଥିତ ରହିଥିବା ସମସ୍ତ ସଦସ୍ୟ ସମତିକ୍ରମେ ନିଷ୍ପତି ନେଇଥିଲେ ।

ବିଶ୍ୱ ଶିଶୁ ଶ୍ରମିକ ବିରୋଧ ଦିବସ

ମାଲକାନଗିରି, (ପିଏନ)-ଜିଲ୍ଲା ଆଇନ ସେବା ପ୍ରାଧିକରଣ ମାଲକାନଗିରି ଆନୁକୂଲ୍ୟରେ ଆଜି ୧୨.୬.୨୦୧୯ ରିଖରେ ମାଲକାନଗିରି ବ୍ଲକ ସ୍ଥିତ ଶିଖପଲ୍ଲୀ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଠାରେ ବିଶ୍ୱ ଶିଶୁ ଶ୍ରମିକ ବିରୋଧ ଦିବସ ପାଳନ ଅବସରରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା ।। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସହ ଶ୍ରମ ଅଧିକାରୀ ମାଲକାନଗିରି ପ୍ରସନ୍ନ କୁମାର ପ୍ରଧାନ ଶିଖପଲ୍ଲୀ ଗ୍ରାମ ପଂଚାୟତ ସରପଂଚ ଶ୍ରୀମତୀ ଆଡ଼ମେ ମଡ଼କାମୀ, ଅଧ୍ୟାପକ ଡା. ରଂଜନ କୁମାର ସ୍ୱାଇଁ, ସମାଜସେବୀ ବସନ୍ତ ନାୟ. ଆଇସିଡିଏସ ପରିଦର୍ଶିକା ଜ୍ୟୋତିର୍ମୟୀ ଆଚାର୍ଯ୍ୟ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମକର୍ତା ପ୍ରମୁଖ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସରକାରଙ୍କ ଦ୍ୱାରା ପ୍ରଦତ ବିଭିନ୍ନ ଶିଶୁ ଶ୍ରମିକ ବିରୋଧ ଆଇନ, ବିଭିନ୍ନ ଶ୍ରମ ଆଇନ, ଶିଶୁ ଅଧିକାର, ସମଭିଧାନରେ ପ୍ରଦତ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ଅଧିକାର ଭଳି ବିଭିନ୍ନ ଯୋଜନା ବିସ୍ତୃତ ଭାବରେ ସଚେତନତା କରିବା ସଂଗେ ସଂଗେ ଆଇନସେବା ପ୍ରାଧିକରଣର କାର୍ଯ୍ୟକ୍ରମ ଯେପରି ମାଗଣା ଆଇନସେବା, ମଧ୍ୟସ୍ଥିତା ଓ ଆପୋଷ ମିଳାମିଶା ମାଧ୍ୟମରେ ମାଲାର ସମାଧାନ ଏବଂ ଜାତୀୟ ଆଇନ ସେବାପ୍ରାଧିକରଣ ଦ୍ୱାରା ପ୍ରଦତ ୧୦ଟି ନୂଆ ଯୋଜନା ସମ୍ପର୍କରେ ମଧ ବିସ୍ତୃତ ଆଲୋଚନା କରିଥିଲେ ।

ଶିବିରର ପରବର୍ତୀ ସମୟରେ ଉପସ୍ଥିତ ସମସ୍ତ ଅଧିକାରୀ ଏବଂ ଗ୍ରାମବାସୀଙ୍କୁ ନେଇ ଶିଶୁ ଶ୍ରମିକ ବିରେଧ ସ୍ଲୋଗାନ ଦେଇ ଏକ ପଦଯାତ୍ରା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା କୋୟା ସମ୍ପ୍ରଦାୟର ଲୋକଙ୍କୁ ସ୍ଥାନୀୟ ସରପଂଚ କୋୟା ଭାଷାରେ ପ୍ରାଞ୍ଜଳ ଭାବେ ସଚେତନତା ଶିବିରର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରିଥିଲେ । ଏହି ଶିବିରରେ ସ୍ଥାନୀୟ ଅଂଚଳର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ ।

ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖୁଛନ୍ତି ସରକାରୀ ଠିକା, ଆଉଟସୋର୍ସିଂ କର୍ମଚାରୀ ଓ ଶିକ୍ଷକ

ଭୁବନେଶ୍ୱର,(ପିଏନ)- ଆରମ୍ଭ ହେଲା ସରକାରୀ କର୍ମଚାରୀଙ୍କ ପୋଷ୍ଟକାର୍ଡ ଅଭିଯାନ । ରାଜ୍ୟର ହଜାର, ହଜାର ଠିକା, ଆଉଟସୋର୍ସିଂ କର୍ମଚାରୀ ଓ ଶିକ୍ଷକ ଓଡ଼ିଶାର ମାନ୍ୟବର ଜନକଲ୍ୟାଣକାରୀ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖୁଛନ୍ତି । ଦୀର୍ଘ ବର୍ଷ ହେଲା ଅବହେଳିତ ଅବସ୍ଥାରେ ବିଭିନ୍ନ ସରକାରୀ ଦପ୍ତରରେ ଏହି କର୍ମଚାର ମାନେ କାର୍ଯ୍ୟ କରୁଛନ୍ତି । ମାସକୁ ମାତ୍ର ଛଅରୁ ଆ

ଖେଳି

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ସମ୍ବାଦପତ୍ର
ପର୍ଯ୍ୟବେକ୍ଷକ
PARYABEKHYAK

Bhubaneswar Friday November 08 | ଭୁବନେଶ୍ୱର | ଶୁକ୍ରବାର, ନଭେମ୍ବର ୦୮ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com

ଲିଟନ ଦାସଙ୍କୁ ରନ ଆଉଟ୍ କରୁଛନ୍ତି ରିଷିଭ ପନ୍ତ

କିସ୍‌ର ଆଉ ଏକ ବିଶ୍ୱ ରେକର୍ଡ

ଏକାଠି ଦାନ୍ତ ଘଷିଲେ ୨୬,୩୮୨ ଛାତ୍ରଛାତ୍ରୀ

ଫୁଲବାଣୀ, ୭।୧୧(ପିଏନ) : କିସ୍ ଆଉ ଏକ ବିଶ୍ୱ ରେକର୍ଡ ସୃଷ୍ଟି କରି ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସରେ ସ୍ଥାନ ପାଇଛି। ଗୁରୁବାର କିସ୍‌ର ୨୬,୩୮୨ ଛାତ୍ରଛାତ୍ରୀ ଗୋଟିଏ ସ୍ଥାନରେ ଏକ ସମୟରେ ଦାନ୍ତ ଘଷି ଏହି ରେକର୍ଡ କରିଛନ୍ତି। ଏହା ହେଉଛି କିସ୍‌ର ୪ର୍ଥ ବିଶ୍ୱ ରେକର୍ଡ। 'ଜାତୀୟ ଦାନ୍ତ ଘଷା ଦିବସ' ଓ ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ହେଲ୍‌ଥ ଡେଣ୍ଟିଷ୍ଟ୍ରି (ଆଇଏପିଏଚ୍‌ଡି)ର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ୍ ସାଇନ୍‌ସେସ୍ ପକ୍ଷରୁ କୋଲଗେଲ୍ ପାମୋଲିଭ ଏବଂ ଆଇଏପିଏଚ୍‌ଡିର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ୨୦୧୬ରେ ଡିପିଏସ୍, ଦିଲ୍ଲୀ ୧୬,୪୧୪ ପିଲା ଏକାଠି ଗୋଟିଏ ସ୍ଥାନରେ ଗୋଟିଏ ସମୟରେ ଦାନ୍ତ ଘଷି ଯେଉଁ ବିଶ୍ୱ ରେକର୍ଡ ସୃଷ୍ଟି କରିଥିଲେ ତାହାକୁ କିସ୍ ପିଲାମାନେ ଭାଙ୍ଗି ନୂଆ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି, ସୂଚନା, ଲୋକସମ୍ପର୍କ ତଥା ଜଳସମ୍ପଦ ବିଭାଗ ମନ୍ତ୍ରୀ ରଘୁ ନନ୍ଦନ ଦାସ, କୋଲଗେଟ୍ ପାମୋଲିଭ (ଇଣ୍ଡିଆ)ର ପରିଚାଳନା ନିର୍ଦ୍ଦେଶକ ରାମ ରାଘବନ, ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସର ପ୍ରତିନିଧି ରଷି ନାଥ, ଆଇଏପିଏଚ୍‌ଡିର ସାଧାରଣ ସମ୍ପାଦକ ଡ. ସବ୍ୟସାଚୀ ସାହା, କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ସମ୍ପାଦକ, ଆର ଏନ୍ ଦାଶ, କିସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପି. କେ. ରାଉତରାୟଙ୍କ ସମେତ ବହୁ ମାନ୍ୟଗଣ୍ୟ ଅତିଥି ଉପସ୍ଥିତ ରହି ପିଲାମାନଙ୍କୁ ମୁଖ୍ୟ ଗହ୍ୱର ଯତ୍ନ ସଂପର୍କରେ ଉପଦେଶ ଦେବା ସହ ନିୟମିତ ଦାନ୍ତ ଘଷିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ମୁଖ୍ୟ ଗହ୍ୱରର ଯତ୍ନ ଓ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରିବା। ସୂଚନାଯୋଗ୍ୟ, ପୂର୍ବରୁ ୨୦୧୫ରେ ଗୋଟିଏ ଦିନରେ କିସ୍ 'ସର୍ବବୃହତ ମାନବ ବାକ୍ୟ' (ଉଇ ଅର୍ଜ ଫର୍ ୱାର୍ଲ୍ଡ ପିସ୍), 'ମୋଷ୍ଟ ସାଇମଲ୍‌ଟାନିଅସ୍ ହାଇ-ଫାଇଭ୍‌ସ' ତିଆରି କରି ୨ଟି ବିଶ୍ୱ ରେକର୍ଡ ହାସଲ୍ କରିଥିବା ବେଳେ ୨୦୧୭ରେ ବିଶ୍ୱର ସର୍ବବୃହତ ଲାଫ୍‌ଟର ଯୋଗ କ୍ଲାସ୍ କରି ବିଶ୍ୱ ରେକର୍ଡ ସୃଷ୍ଟି କରି ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଥିଲା।

ଭାରତରେ ନୋକିଆ ୬.୨ର ବଜାର ପ୍ରବେଶ

ଭୁବନେଶ୍ୱର: ଏଚଏମଡି ଗ୍ଲୋବାଲ ପକ୍ଷରୁ ନୋକିଆ ୬.୨ର ଶୁଭାରମ୍ଭ କରାଯାଇଛି, ଯାହାକି ତିନୋଟି କ୍ୟାମେରା ଏବଂ ସ୍ୱଚ୍ଛ ଡିସପ୍ଲେ ପ୍ରଯୁକ୍ତି ନେଇ ଆସିଥିବା ପ୍ରଥମ ୬ ସିରିଜ ସ୍ମାର୍ଟଫୋନ ଅଟେ। ନୋକିଆ ୬.୨ ସବୁବେଳେ ଏଚଡିଆରରେ ନୂତନ ସ୍ମାର୍ଟଫୋନ ସେଗମେଣ୍ଟରେ ଆସିଥାଏ, ଯାହାକି ଏକ ଲକ୍ଷରୁ ଅଧିକ ରଙ୍ଗ ଯୋଗାଉଥିବା ଏକ ପ୍ରୋସେସର ଦ୍ୱାରା ସମର୍ଥିତ ସ୍ୱଚ୍ଛ ଡିସପ୍ଲେରେ ବ୍ୟବସ୍ଥିତ ହୋଇ ଆସିଛି । ଏଆଇ ବୈଶିଷ୍ଟ୍ୟ ଏବଂ ଏକ ଶକ୍ତିଶାଳୀ ତିନୋଟି ସେନ୍ସର କ୍ୟାମେରା ସମିଶ୍ରଣ ସହ ନୋକିଆ ୬.୨ ଏହାର ପ୍ରଶଂସକ ମାନଙ୍କୁ ପରିଷ୍କାର ଛବି, ବୁକେ ପୋର୍ଟ୍ରେଟ ଏବଂ ଆକର୍ଷଣୀୟ ୱାଇଡ ଆଙ୍ଗଲ ସଟ ମଧ୍ୟ ଦେଇଥାଏ । ନୋକିଆ ୬.୨ ଏହାର ନର୍ଡିକ ପରମ୍ପରା ପାଇଁ ସଚ୍ଚୋଟ ରହୁଥିବା ବେଳେ ଏକ ସ୍ୱତନ୍ତ୍ର ଏବଂ ସୀମାହୀନ ଫିନିସ ଯୋଗାଇବା ନିମନ୍ତେ ଏହା ସମୟ ହୀନ କାରୁକାର୍ଯ୍ୟ ଏବଂ କଟିଙ୍ଗ-ଏଜ ବସ୍ତୁକୁ ସାମିଲ କରିଛି । ଏହା ବ୍ୟତୀତ ଏହା ଏକ ଦୁଇ ଦିନର ବ୍ୟାଟେରୀ ସାମର୍ଥ୍ୟତା ସହ ମଧ୍ୟ ଆସିଛି ।

ଏହି ଅବସରରେ ଏଚଏମଡି ଗ୍ଲୋବାଲର ମୁଖ୍ୟ ଉତ୍ପାଦ ଅଧିକାରୀ ଶ୍ରୀ. ଜୁହୋ ସର୍ବିକାସ କହିଛନ୍ତି, "ନୋକିଆ ୬.୨ ସହ ଆମେ ଆମର ଲୋକପ୍ରିୟ ୬ ସିରିଜ ସ୍ମାର୍ଟଫୋନରେ ପ୍ରଦାନ କରିଥିବା ବୈଶିଷ୍ଟ୍ୟ ଗୁଡ଼ିକର ପରିକଳ୍ପନା କରିବାକୁ ଚାହୁଁଛୁ। ନୋକିଆ ୬.୨ ସହ ଆମେ ଆପଣଙ୍କୁ ନିଶ୍ଚିତତା ପ୍ରଦାନ କରୁଛୁ ଯେ ଆପଣ ନିଶ୍ଚିତ ଭାବେ ଏକ ଉନ୍ନତମାନର ଡିଭାଇସ ପାଇବେ ଯାହାକି ଲୁକ ଏବଂ ପ୍ରଦର୍ଶନରେ କୌଣସି ମାତ୍ରାରେ କମ ନୁହେଁ ।"ଏହା ବ୍ୟତୀତ ଏଚଏମଡି ଗ୍ଲୋବାଲ, ଏସିଆ ପ୍ୟାସିଫିକ ଏବଂ ଭାରତର ଉପାଧ୍ୟକ୍ଷ ଏବଂ ଆଞ୍ଚଳିକ ମୁଖ୍ୟ ଅଜୟ ମେହେତା କହିଛନ୍ତି, "ଭାରତର ଉପଭୋକ୍ତାମାନେ ଆମର ୬ ସିରିଜର ସ୍ମାର୍ଟଫୋନକୁ ବହୁତ ପସନ୍ଦ କରିଥିଲେ ଏବଂ ଦେଶକୁ ନୂତନ ନୋକିଆ ୬.୨ ନେଇ ଆସିବା ପାଇଁ ମୁଁ ଅତ୍ୟନ୍ତ ଉତ୍ସାହିତ। ତେଣୁ ମୁଁ ଗ୍ରାହକ ମାନଙ୍କୁ ନୀକଟସ୍ଥ ରିଟେଲ ଷ୍ଟୋର କିମ୍ବା ଅନଲାଇନରେ ଯାଇ ଏହାକୁ ଦେଖିବା ନିମନ୍ତେ ଉତ୍ସାହିତ କରୁଛି ।"

ଏହି ନୋକିଆ ୬.୨ ସେରାମିକ ବ୍ଲାକ ଏବଂ ଆଇସ ରଙ୍ଗରେ ଚଳିତ ବର୍ଷ ୧୧ ଅକ୍ଟୋବର ଠାରୁ ଭାରତର ଅଗ୍ରଣୀ ମୋବାଇଲ ରିଟେଲ ଆଉଟଲେଟ ଗୁଡ଼ିକରେ ଉପଲବ୍ଧ ହେଉଥିବାବେଳେ ଘକ୍ଟଳସବ.ମକ୍ଟଙ୍କ/ କ୍ଟଷକ୍ଟଭରମ୍ଭ ଏବଂ ଆମାଜନରେ (ସେରାମିକ ବ୍ଲାକ ଏବଂ ଆଇସ) ୪ଜିବି / ୬୪ ଜିବି ସଂସ୍କରଣ ମାତ୍ର ଟ. ୧୫,୯୯୯/-ର ଶ୍ରେଷ୍ଠ ମୂଲ୍ୟରେ ଉପଲବ୍ଧ ହେବ। ଏହା ବ୍ୟତୀତ ରିଟେଲ ଷ୍ଟୋରମାନଙ୍କରେ ଏଚଡିଏଫସି ବ୍ୟାଙ୍କ ଡେବିଟ କାର୍ଡ ଏବଂ କ୍ରେଡିଟ କାର୍ଡରୁ ପାଇନଲ୍ୟାବ ଟର୍ମିନାଲ ଦ୍ୱାରା କରାଯାଇଥିବା ଇଏମଆଇ ଏବଂ ନିୟମିତ ଟ୍ରାନ୍ସାକ୍ସନ ଉପରେ ଗ୍ରାହକମାନେ ନୋକିଆ ୬.୨ କ୍ରୟରେ ୧୦ ପ୍ରତିଶତ କ୍ୟାସବ୍ୟାକ ସହ ଆହୁରି ଅନେକ ଅଫର ପାଇପାରିବେ । ସେହିଭଳି ନୋକିଆ.କମ/ଫୋନ୍ସ ରୁ ନୋକିଆ ୬.୨ କ୍ରୟ କରୁଥିବା ଗ୍ରାହକ ୧୫୦୦ ଟଙ୍କାର ଗିଫ୍ଟ ଭାଉଚର ପାଇପାରିବା ସହ ଆହୁରି ଅନେକ ଅଫରର ମଜା ଉଠାଇ ପାରିବେ ।

ଭଏସ କଲ୍ ଉପରେ ଚାର୍ଜ ଖବରକୁ ଏୟାରଟେଲ୍‌ର ଖାରଜ

ଭୁବନେଶ୍ୱର: ନିକଟରେ ଜିଓ ପକ୍ଷରୁ ଆଇୟୁସି ଆଉଟଗୋଇଁ କଲ୍ ଉପରେ ଚାର୍ଜ ଲାଗୁ ହେବା ପରେ, ବିଭିନ୍ନ ଗଣମାଧ୍ୟମରେ ଏୟାରଟେଲ ପକ୍ଷରୁ ମଧ୍ୟ ସମାନଭାବେ ଭଏସକଲ ଗୁଡ଼ିକ ଉପରେ ଚାର୍ଜ ଲଗାଯିବାର ଯୋଜନା ଥିବା ଖବର ପ୍ରକାଶ ପାଇଥିଲା। ତେବେ ଏହି ରିପୋର୍ଟକୁ ଏୟାରଟେଲ୍ ପକ୍ଷରୁ ଆଜି ଖାରଜ କରାଯିବା ସହ ଏହା ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ବୋଲି କୁହାଯାଇଛି । କମ୍ପାନୀ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ କୁହାଯାଇଛି ଯେ, ଏୟାରଟେଲର ଯେଉଁ ଗ୍ରାହକ ଅନଲିମିଟେଡ୍ ପ୍ୟାକରେ ଅଛନ୍ତି ସେମାନେ ଏୟାରଟେଲରୁ ଅନ୍ୟ ନେଟୱାର୍କକୁ କଲ୍‌କଲେ କୌଣସିବି ଶୁଳ୍କ ଦେବାକୁ ପଡ଼ିବ ନାହିଁ ।

ଫାଷ୍ଟଟ୍ୟାଗ୍ କାରବାରକାରୀଙ୍କ ସଂଖ୍ୟା ୩୧ ନିୟୁତ ହେଲା

ନୂଆଦିଲ୍ଲୀ : ନ୍ୟାସନାଲ ଇଲେକଟ୍ରୋନିକ୍‌ସ ଟୋଲ କଲେକ୍ସନ (ଏନଇଟିସି) ଅଧିନସ୍ଥ ଫାଷ୍ଟଟ୍ୟାଗ୍ କାରବାର ୨୦୧୯ ଅକ୍ଟୋବର ସୁଦ୍ଧା ୩୧ ନିୟୁତରେ ପହଞ୍ଚିଛି ବୋଲି ନ୍ୟାସନାଲ ପେମେଣ୍ଟ କର୍ପୋରେସନ ଅଫ ଇଣ୍ଡିଆ (ଏନପିସିଆଇ) ପକ୍ଷରୁ କୁହାଯାଇଛି । ଫାଷ୍ଟଟ୍ୟାଗ୍ ବ୍ୟବହାର ଖୁବ୍ ସରଳ । ପୁନଃ ଲୋଡ଼ ହୋଇପାରୁଥିବା ଏହି ଟ୍ୟାଗ୍ ଗାଡ଼ି କାଚରେ ଲଗାଯାଇଥାଏ । ଏହାଫଳରେ ଗାଡ଼ି ଯାତ୍ରା କରୁଥିବା ସମୟରେ ସଂଯୋଗୀକୃତ ସଞ୍ଚୟ ଖାତା ବା ପ୍ରିପେଡ୍‌ରୁ ଆପେଆପେ ଟୋଲ ଦେୟ କଟି ଯାଇଥାଏ । ଟୋଲ ଦେୟ କଟିଯିବା ସଂପର୍କରେ ଗ୍ରାହକଙ୍କ ପଞ୍ଜିକୃତ ମୋବାଇଲକୁ ଏକ ବାର୍ତ୍ତା ଆସିଥାଏ । ଫାଷ୍ଟଟ୍ୟାଗ୍ ଥିବା ଗାଡ଼ିକୁ ଟୋଲ ଗେଟ୍‌ରେ ଅଟକିବାକୁ ପଡ଼ିବ ନାହିଁ । ଏହାଦ୍ୱାରା ସମୟ ଓ ଇନ୍ଧନ ସଞ୍ଚୟ ହୋଇପାରିବ ।

ଗତ ଅକ୍ଟୋବର ସୁଦ୍ଧା ଫାଷ୍ଟଟ୍ୟାଗ୍‌ର କାରବାର ସଂଖ୍ୟା ୩୧.୪୬ ନିୟୁତରେ ପହଞ୍ଚିଥିବାବେଳେ ଏଥିରେ ମୋଟ ୭୦୨.୮୬ କୋଟି ଟଙ୍କା ଦେୟ ଆଦାୟ ହୋଇପାରିଛି । ଏହା ପୂର୍ବମାସରେ ୨୯.୦୧ ନିୟୁତ ଗ୍ରାହକଙ୍କ ଠାରୁ ୬୫୮.୯୪ କୋଟି ଦେୟ ଆଦାୟ ହୋଇଥିଲା । ଏହି ପରିପ୍ରେକ୍ଷୀରେ ଏନ୍‌ପିସିଆଇ ମୁଖ୍ୟ ଅପରେଟିଂ ଅଧିକାରୀ ପ୍ରବୀଣା ରୟ କହିଛନ୍ତି ଯେ, ଫାଷ୍ଟଟ୍ୟାଗ୍ ଆମ ପାଇଁ ଅଗ୍ରାଧିକାର କ୍ଷେତ୍ର । ଗତ ୨ ବର୍ଷରେ ଏଥିରେ ନେକ ଉନ୍ନତି ଘଟିପାରିଛି । ବର୍ତ୍ତମାନ ୨୩ଟି ସଦସ୍ୟ ବ୍ୟାଙ୍କ ଫାଷ୍ଟଟ୍ୟାଗ୍ ପ୍ରଦାନ କରୁଛନ୍ତି । ୧୦ଟି ସଦସ୍ୟ ବ୍ୟାଙ୍କ ଫାଷ୍ଟଟ୍ୟାଗ୍ କାରବାର ଗ୍ରହଣ କରୁଛନ୍ତି । ୫୨୮ରୁ ଅଧିକ ଟୋଲ ପ୍ଲାଜାରେ ଏବେ ଫାଷ୍ଟଟ୍ୟାଗ୍ ବ୍ୟବସ୍ଥା ରହିଛି ବୋଲି ସେ କହିଛନ୍ତି ।

ଆଇବିଏମ ସହଯୋଗରେ କୌଶଳ ବିକାଶ ମନ୍ତ୍ରାଳୟ ଦ୍ୱାରା ସ୍କିଲ ବିଲ୍ଡ ପ୍ଲାଟଫର୍ମ ର ଶୁଭାରମ୍ଭ

ଭୁବନେଶ୍ୱର-ସ୍କିଲ୍ ଡେଭଲପ୍‌ମେଂଟ୍ ଏଣ୍ଡ ଏଂଟରପ୍ରେନିଓରସିପ ମନ୍ତ୍ରାଳୟ ଅଧିନସ୍ଥ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ ଆଇବିଏମ ସହ ମିଶି ସ୍କିଲ ବିଲ୍ଡ ମଂଚରେ ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଦୁଇବର୍ଷିଆ ଆଡ୍‌ଭାନ୍ସଡ ଡିପ୍ଲୋମା ଇନ ଆଇଟିଆଇ, ନେଟୱାର୍କିଂ ଏବଂ କ୍ଲାଉଡ କମ୍ପୁଟିଂ ଆଇବିଏମ ଦ୍ୱାରା ବିଭିନ୍ନ ଆଇଟିଆଇ ଓ ଏନଏସଟିଆଇ ରେ ପ୍ରଦାନ କାରିଯିବ । ଏହି ମଂଚରେ ଆଇଟିଆଇ ଓ ଏନଏସଟିଆଇ ର ଶିକ୍ଷକ ମାନଙ୍କୁ ଆର୍ଟିଫିସିଆଲ ଇଂଟେଲିଜେନ୍ସ (ଏଆଇ) ପ୍ରଶିକ୍ଷଣ ଦିଆଯିବ। ସ୍କିଲ ବିଲ୍ଡ କାର୍ଯ୍ୟକ୍ରମରେ ଆଇବିଏମ, କୋଡଡୋର, କୁପର ଏକାଡେମୀ ଏବଂ ସ୍କିଲ ସଫ୍ଟ ଡିଜିଟାଲ ଲର୍ଣ୍ଣ ପ୍ରଦାନ କରିବେ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ବିଦ୍ୟାର୍ଥୀ ମାନଙ୍କର ବ୍ୟକ୍ତିଗତ ମୂଲ୍ୟାଙ୍କନ କରାଯିବ, ଜ୍ଞାନ ଆହରଣ ସହ ପ୍ରୋବ୍ଲେମ ସଲଭିଂ, କମ୍ୟୁନିକେଶନ ଆଦି ସମ୍ବନ୍ଧରେ ଶିକ୍ଷା ଲାଭ କରିବେ । ଏହାଛଡା ଛାତ୍ରଛାତ୍ରୀ ମାନେ ନିର୍ଦ୍ଦିଷ୍ଟ ନିଯୁକ୍ତି ପାଇଁ ପ୍ରଯୁକ୍ତି ଓ ବ୍ୟବସାୟୀକ ଶିକ୍ଷା ପାଇପାରିବେ ।

ଏହି ସହଯୋଗ ସମ୍ବନ୍ଧରେ ଡଃ ମହେନ୍ଦ୍ରନାଥ ପାଣ୍ଡେ, ସ୍କିଲ୍ ଡେଭଲପ୍‌ମେଂଟ୍ ଏଣ୍ଡ ଏଂଟରପ୍ରେନିଓରସିପ ମନ୍ତ୍ରୀ କହଛନ୍ତି, "ପ୍ରଯୁକ୍ତି ବିଜ୍ଞାନର ବ୍ୟବହାର କରି ଜନସାଧାରଣ କୁ ଲାଭ ପହଂଚାଇବା ସରକାର ପ୍ରୟାସ କରୁଛନ୍ତି। ଆଇବିଏମ ଛାତ୍ରଛାତ୍ରୀ ମାନଙ୍କୁ ଅତ୍ୟାଧୁନିକ କୌଶଳ ପ୍ରଦାନ ପାଇଁ ଆଗେଇ ଆସିଥିବାରୁ ପ୍ରଶଂସାଯୋଗ୍ୟ ।"

ଏହି କାର୍ଯ୍ୟକ୍ରମକୁ ଔପଚାରିକ ଭାବେ ଶୁଭାରମ୍ଭ କରି ଡଃ କେ.ପି. କ୍ରିଷ୍ଣନ, ସ୍କିଲ୍ ଡେଭଲପ୍‌ମେଂଟ୍ ଏଣ୍ଡ ଏଂଟରପ୍ରେନିଓରସିପ ମନ୍ତ୍ରାଳୟ ସଚିବ କହିଛନ୍ତି, "କ୍ରମାଗତ ଭାବେ ବୃଦ୍ଧିପାଉଥିବା ପ୍ରଯୁକ୍ତି ଜୀବନକୁ ଉନ୍ନତ କରିବାରେ ଲାଗିପଡିଛି। ଏହା ଯୁବ ବର୍ଗଙ୍କୁ କୁଶଳି କରିବାରେ ମହତ୍ୱପୂର୍ଣ୍ଣ । ଭବିଷ୍ୟତରେ ଏହାର ଫଳାଫଳ ଦର୍ଶିବାକୁ ବାକି ଅଛି।"ଆଇବିଏମ ଇଣ୍ଡିଆର ଭାଇସ ପ୍ରେସିଡେଣ୍ଟ ଏବଂ ମାନବସମ୍ବଳ ମୁଖ୍ୟ ଚୈତନ୍ୟ ଶ୍ରିନିବାସ କହିଛନ୍ତି, "ଏହି ପ୍ଲାଟଫର୍ମ ଜରିଆରେ ଛାତ୍ରଛାତ୍ରୀ ମାନେ ଉଦ୍ୟୋଗ ମାନଙ୍କର ଆବଶ୍ୟକତା ମୁତାବକ କୌଶଳ ପାଇପାରିବେ । ଏହା ଦ୍ୱାରା ସେମାନେ ପ୍ରତିଯୋଗୀତା ମୁଳକ ହୋଇପାରିବେ ।" ପ୍ରଶିକ୍ଷଣ ନିର୍ଦ୍ଦେଶାଳୟର ମହାନିର୍ଦ୍ଦେଶକ ରାଜେଶ ଅଗ୍ରୱାଲ ଏହି ସହଯୋଗ କୁ ଧନ୍ଦାମୂଳକ ଶିକ୍ଷାରେ ଡିଜିଟାଲ ବିପ୍ଳବ ଆଣିଦେବ ବୋଲି ପ୍ରକାଶ କରିଛନ୍ତି ।

ମାଗଣା ହୃଦରୋଗ ଚିକିତ୍ସା ଶିବିର

କଟକ,(ପିଏନ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ଓଷଙ୍ଗ ପ୍ରାଥମିକ ବିଦ୍ୟାଳୟ ପରିସରରେ ମାଗଣା ହୃଦରୋଗ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶରତ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ଶିବିରରେ ଆପୋଲ ହସ୍ପିଟାଲର ବରିଷ୍ଠ ହୃଦରୋଗ ବିଶେଷଜ୍ଞ ଡାକ୍ତର ସୁଜିତ କୁମାର ମହାନ୍ତି ଉପସ୍ଥିତ ରହି ଲୋକମାନଙ୍କୁ ଚିକିତ୍ସା କରିଥିଲେ। ଏଥିରେ ଅତିଥି ଭାବେ ସରପଞ୍ଚ ଧିରେନ୍ଦ୍ର ନାଥ ବିଶ୍ୱାଳ, ସିଆର୍‌ସିସି ନିହାର ରଞ୍ଜନ ସାମଲ, ପ୍ରଧାନ ଶିକ୍ଷୟିତ୍ରୀ ଶଶିରେଖା ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜକିଶୋର ଜେନା, ସମାଜସେବୀ ଭଗବାନ ବିଶ୍ୱାଳ, ଆଇନ୍‌ଜୀବୀ ଏସ୍‌ପି ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଆଖପାଖ ଅଞ୍ଚଳର ବହୁ ଲୋକମାନେ ଏହି ଶିବିରକୁ ଆସି ହୃଦରୋଗର କାରଣ ଓ ନିରାକରଣ ସମ୍ପର୍କରେ ଡାକ୍ତରଙ୍କ ଠାରୁ ପରାମର୍ଶ ନେଇଥିଲେ।

ଆଇଆଇଏମ ବାଙ୍ଗାଲୋର ସହ ମିଶି ସ୍କିଲ ଡେଭେଲପମେଂଟ ମନ୍ତ୍ରାଳୟର ମହାତ୍ମା ଗାନ୍ଧୀ ରାଷ୍ଟ୍ରୀୟ ଫେଲୋସିପ କାର୍ଯ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର : ଜିଲ୍ଲା ସ୍ତରରେ କୌଶଳ ବିକାଶ କୁ ପ୍ରୋତ୍ସାହନ ଦେବା ନିମନ୍ତେ କେନ୍ଦ୍ର ସ୍କିଲ ଡେଭେଲପମେଂଟ ଏଣ୍ଡ ଏଂଟରପ୍ରେନିଓରସିପ ମନ୍ତ୍ରାଳୟ ଆଇଆଇଏମ ବାଙ୍ଗାଲୋର ସହ ମିଶି ଏକ ଦୁଇବର୍ଷିଆ ମହାତ୍ମା ଗାନ୍ଧୀ ରାଷ୍ଟ୍ରୀୟ ଫେଲୋସିପ (ଏମଜିଏନଏଫ) କାର୍ଯ୍ୟକ୍ରମର ଶୁଭାରମ୍ଭ ପାଇଁ ଚୁକ୍ତି ସ୍ୱାକ୍ଷର ହୋଇଛି । ଭାରତ ସରକାରଙ୍କ ମାନବ ସଂସାଧନ ବିକାଶ ମନ୍ତ୍ରାଳୟ ର ଉଚ୍ଚ ଶିକ୍ଷା ବିଭାଗ ସଚିବ ଶ୍ରୀ ଆର ସୁଭ୍ରମଣ୍ୟମ, ସ୍କିଲ ଡେଭେଲପମେଂଟ ଏଣ୍ଡ ଏଂଟରପ୍ରେନିଓରସିପ ମନ୍ତ୍ରାଳୟର ସଚିବ ଡଃ କେ ପି କ୍ରିଷ୍ଣନ ଓ ଆଇଆଇଏମ ବାଙ୍ଗାଲୋର ର ନିର୍ଦ୍ଦେଶକ ଶ୍ରୀ ଜି ରଘୁରାମ ଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ।ଏମଜିଏନଏଫ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ ସହ ବ୍ୟବହାରିକ ଅନୁଭବ ଅନ୍ତର୍ନିହିତ । ଗୁଜୁରାଟ, କାର୍ଣ୍ଣାଟକ, ମେଘାଳୟ, ରାଜସ୍ଥାନ, ଉତର ପ୍ରଦେଶ ଓ ଉତରାଖଣ୍ଡର ୭୫ ଟି ଜିଲ୍ଲାରେ ଏହି ପାଇଲଟ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏଥିପାଇଁ ଉପଯୁକ୍ତ ପ୍ରାର୍ଥୀ ୨୧ ରୁ ୩୦ବର୍ଷ ହୋଇଥିବା ଆବଶ୍ୟକ। ସେ କୌଣସି ସ୍ୱିକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ପାଇଥିବେ ଏବଂ ସ୍ଥାନୀୟ ଭାଷା ଅବଗତ ହୋଇଥିବେ ।ଏହି ସହବନ୍ଧନ ସମ୍ପର୍କରେ ସ୍କିଲ ଡେଭେଲପମେଂଟ ଏଣ୍ଡ ଏଂଟରପ୍ରେନିଓରସିପ ମନ୍ତ୍ରାଳୟର ସଚିବ ଡଃ କେ ପି କ୍ରିଷ୍ଣନ କହିଛନ୍ତି, "ତୃଣମୂଳ ସ୍ତରରେ କୌଶଳ ବିକାଶ ଗୁଡିକୁ ପରିଚାଳନା କରିବା ପାଇଁ ବର୍ତମାନ ଅଭାବକୁ ଆଇଆଇଏମ ବାଙ୍ଗାଲୋର ସହାୟତାରେ ଦୂର କରିବା ପାଇଁ ଏହି ଫେଲୋସିପ ର ଶୁଭାରମ୍ଭ କରାଯାଇଛି । ଯେଉଁମାନେ ପବ୍ଲିକ ପଲିସି ରେ କ୍ୟାରିୟର କରିବାକୁ ଚାହୁଁଛନ୍ତି ଏମଜିଏନଏଫ ଏକ ଆକର୍ଷଣୀୟ ଯୋଜନା । ଆମେ ଏହି ଯୋଜନାକୁ ମହାତ୍ମା ଗାନ୍ଧୀଙ୍କ ବିକେନ୍ଦ୍ରୀକରଣ ଉପରେ ଗୁରୁତ୍ୱ ଦେଇ ତାଙ୍କର ୧୫୦ତମ ଜନ୍ମ ବାର୍ଷିକ ରେ ଏହାର ଶୁଭାରମ୍ଭ କରୁଛୁ ।"ମାନବ ସଂସାଧନ ବିକାଶ ଅଧିନରେ ଥିବା ଉଚ୍ଚଶିକ୍ଷା ବିଭାଗ ସଚିବ ଶ୍ରୀ ଆର ସୁଭ୍ରମଣ୍ୟମ କହିଛନ୍ତି, "ଆଜି ଯୁବ ପିଢି ଦେଶ ଗଠନ ନିମନ୍ତେ ପ୍ରଚେଷ୍ଟା କରୁଛନ୍ତି।

ବିଜେପ ମହିଳା ମୋର୍ଚ୍ଚାର ବକ୍ଷୋଭ ଓ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡା (ପିଏନ)- ସାରା ଓଡିଶାରେ ମହିଳାମାନେ ଅସୁରକ୍ଷିତ ହୋଇପଡିଛନ୍ତି । ଯାଜପୁର ଓ କେନ୍ଦ୍ରାପଡାରେ ଘଟିଥିବା ଘଟଣାରୁ ତାହା ସ୍ପଷ୍ଟ ଜଣାପଡୁଛି ବୋଲି ବିଜ